

# ଲୋକଙ୍କୁ କ୍ଷମତା,
# ଗ୍ରାମସଭାକୁ କ୍ଷମତା !

## ଗ୍ରାମସଭା ସଙ୍କଳ୍ପ ମାର୍ଗଦର୍ଶିକା

# HARLEM

## LANGSTON HUGHES

What happens to a dream deferred?

Does it dry up
like a resin in the sun?
Or fester like a sore--
And then run?
Does it stink like a rotten meat?
Or crust and sugar over--
Like a syrupy sweet?

May be it just sags
like a heavy load.

Or does it explode?

# ଯୋଗଦାନ

**ଲେଖିକା:** ସଙ୍ଗମିତ୍ରା ଦୁବେ ଏବଂ ପୂଜା

**ସମ୍ପାଦକ:** ସୋମନା ଖାନ୍ନା

**ପ୍ରଯୋଜକ:** ଲିଗାଲ ରିର୍ସୋର୍ସ ସେଣ୍ଟର, ଦିଲ୍ଲୀ

**ପ୍ରକାଶିତ:** ଲିଗାଲ୍ ରିର୍ସୋର୍ସ ସେଣ୍ଟର, ଦିଲ୍ଲୀ ଓ ବସୁନ୍ଧରା, ଓଡିଶା

© ଲିଗାଲ୍ ରିର୍ସୋର୍ସ ସେଣ୍ଟର, ନୂଆଦିଲ୍ଲୀ ୨୦୨୦

**ସମ୍ମୁଖ ପୃଷ୍ଠାର ଅବଦାନ:**
ଫ୍ରିପିକ୍

# ସ୍ୱୀକୃତି ପତ୍ର

ପୁସ୍ତକର ଗୁରୁତ୍ୱକୁ ଉପଲବ୍ଧି କରି, ସମ୍ପ୍ରଦାୟର ସୁବିଧାକୁ ଆଖି ଆଗରେ ରଖି ଲିଗାଲ୍ ରିସୋର୍ସ ସେଣ୍ଟର (LRC) ଓ ବସୁନ୍ଧରା ଏହି ପ୍ରକାଶନୀ ପାଇଁ ଆମକୁ ସାହାଯ୍ୟ କରିଥିବାରୁ ଏହି ଦୁଇ ଅନୁଷ୍ଠାନକୁ ଆମେ ଆମର ଆନ୍ତରିକ କୃତଙ୍ଗତା ଜ୍ଞାପନ କରୁଛୁ।  ବିଶେଷ କରି ଆଡଭୋକେଟ୍ ସୋମନା ଖାନ୍ନାଙ୍କ ମାର୍ଗଦର୍ଶନ ପାଇଁ ଆମେ ତାଙ୍କ ନିକଟରେ ଋଣି। ଏହି ଟୁଲ୍‌କିଟ୍ ପ୍ରସ୍ତୁତି କରିବାରେ ଓ ଏହାକୁ ଲେଖିବା ଦିଗରେ ସେ ଏକ ଲମ୍ବା ଯାତ୍ରାରେ ଆମ ସହ ପାଖେ ପାଖେ ରହିଛନ୍ତି। ତାଙ୍କର ଅସୀମ ଧୈର୍ଯ୍ୟ ଓ ଉଦାରତା ଯୋଗୁଁ ଏହି ଟୁଲ୍‌କିଟ୍ ପ୍ରସ୍ତୁତି ସମ୍ଭବ ହୋଇ ପାରିଛି। କେବଳ ଆଇନଗତ ଅବଧାରଣାକୁ ଠିକ୍ ଭାବେ ବୁଝିବା ଦିଗରେ ନୁହେଁ ବରଂ ଆଇନର ଭାଷାକୁ କିପରି ସାଧାରଣ ଲୋକଙ୍କ ଭାଷାକୁ ପରିବର୍ତ୍ତନ କରିହେବ ଓ ଏହାକୁ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତି କରାଯାଇ ପାରିବ ସେ ଦିଗରେ ମଧ୍ୟ ସେ ଆମର ମାର୍ଗ ଦର୍ଶନ କରିଛନ୍ତି।

ଏହି ଟୁଲ୍‌କିଟ୍ ପ୍ରସ୍ତୁତି ହେବାର ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀ ତୁଷାର ଦାଶ ଆମର ମାର୍ଗଦର୍ଶନ କରିଥିବାରୁ ଓ ଏଥିପାଇଁ ଆମକୁ ସବୁପ୍ରକାର ସାହାଯ୍ୟ ଓ  ସମର୍ଥନ କରିଥିବାରୁ ଆମେ ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛୁ। ଶେଷରେ ସମସ୍ତ ଜଙ୍ଗଲ ଅଧିବାସୀ ସମ୍ପ୍ରଦାୟ, ସ୍ଥାନୀୟ କର୍ମକର୍ତ୍ତା, ତୃଣମୂଳ ସ୍ତରରେ କାମ କରୁଥିବା ଆଇନଜୀବୀଙ୍କ ନିକଟରେ ଆମେ କୃତଜ୍ଞ। ନିଜ ଅଧିକାରକୁ ଦାବି କରିବା, ନ୍ୟାୟ ପାଇବାର ଗୁରୁତ୍ୱ ଓ ଏଭଳି ପ୍ରୟାସର ମହତ୍ୱ ବାବଦରେ ସେମାନେ ଆମକୁ ସୂଚନା ଦେଇଛନ୍ତି। ସେମାନଙ୍କ ବିନା ଏହି ଟୁଲ୍‌କିଟ୍ ପ୍ରସ୍ତୁତି ସମ୍ଭବ ହୋଇ ପାରିନଥାନ୍ତା।

**ସଙ୍ଘମିତ୍ରା ଦୁବେ ଓ ପୂଜା**
ଲିଗାଲ ରିସୋର୍ସ ସେଣ୍ଟର, ଦିଲ୍ଲୀ
ଜୁନ୍, ୨୦୨୦

# ଶବ୍ଦଗୁଡିକ

ACF : ଅତିରିକ୍ତ ବନସଂରକ୍ଷକ ଅଧିକାରୀ।
CAMPA : କ୍ଷତିପୂରଣ ବନୀକରଣ ଆଇନ, ୨୦୧୬।
COVID-19 : କରୋନା ଭାଇରସ୍ ରୋଗ-୨୦୧୯।
CFR : ସାମ୍ପ୍ରଦାୟିକ ଜଙ୍ଗଲ ଅଧିକାର।
CFRR : ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର।
DC : ଜିଲ୍ଲାପାଳ।
DLC : ଜିଲ୍ଲାସ୍ତରୀୟ କମିଟି।
LRC : ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ ଆଇନ ୨୦୦୬ (ଜଙ୍ଗଲ ଅଧିକାରର ସ୍ୱୀକୃତି)।
FRA : ଜଙ୍ଗଲ ଅଧିକାର କମିଟି
FD : ବନ ବିଭାଗ / ଜଙ୍ଗଲ ବିଭାଗ
GS : ଗ୍ରାମସଭା।
IPC : ଭାରତୀୟ ଦଣ୍ଡ ବିଧାନ ୧୮୬୦।
ITDA : ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା।
MoTA : ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ।
MHA : ଗୃହ ମନ୍ତ୍ରଣାଳୟ।
PA : ପ୍ରକଳ୍ପ ଅଧିକାରୀ।
PESA : ପଞ୍ଚାୟତ ଅଧୀନିୟମ, ୧୯୯୬ ( ଅନୁସୂଚିତ ଅଞ୍ଚଳକୁ ବିସ୍ତାର)।
POA : ଆଦିବାସୀ ନିର୍ଯାତନା ସୁରକ୍ଷା ଆଇନ ୧୯୮୯।
SDLC : ଉପଖଣ୍ଡ ସ୍ତରୀୟ କମିଟି।
SLMC : ରାଜ୍ୟସ୍ତରୀୟ ମନିଟରିଂ କମିଟି।
WEO : କଲ୍ୟାଣ ବିଭାଗୀୟ ଅଧିକାରୀ।
VLW : ଗ୍ରାମ୍ୟସ୍ତରୀୟ କର୍ମୀ।

# 'ଆମେ ଲୋକମାନେ' , ଏହି କ୍ଷମତାକୁ ଆମେ କାହିଁକି ଓ କିପରି ଅଭ୍ୟାସ କରିବା ?

କରୋନା ମହାମାରୀ ଯୋଗୁଁ ସମଗ୍ର ପୃଥିବୀ ଏବେ ଆତଙ୍କିତ । ତେଣୁ ଆମର ଜୀବନ, ଜୀବିକା ଦିନକୁ ଦିନ ଅସ୍ଥିର ଓ ଅପ୍ରତ୍ୟଶିତ ହେବାରେ ଲାଗିଛି । ଏହି ମହାମାରୀର ପ୍ରଭାବ ସମାଜର ଦଳିତ ଓ ଆଦିବାସୀ ବର୍ଗର ଲୋକଙ୍କ ଉପରେ ବିଶେଷ ଭାବେ ପଡ଼ିଛି । ଯାହାକି ସେମାନଙ୍କ ଜୀବନଧାରଣମାନକୁ ଅକଳନୀୟ ଭାବେ କ୍ଷତି ପହଞ୍ଚାଇଛି । କୋଭିଡ ୧ ୯ (COVID-19) ଲକ୍‌ଡାଉନ୍ ଅବଧି ସତ୍ୱେ, ଏହି ସମୟ ମଧ୍ୟରେ ଭାରତରେ ଖଣି ଖନନ, ଜଙ୍ଗଲ ଜମିର ବିନିଯୋଗ, କାମ୍ପା (CAMPA) ବୃକ୍ଷରୋପଣ, ଲ୍ୟାଣ୍ଡ ବ୍ୟାଙ୍କ ଆଦି କ୍ଷେତ୍ରରେ ଅନେକ ଆଇନଗତ ପରିବର୍ତ୍ତନ ଓ ନୀତିଗତ ଯୋଜନା ଭିତ୍ତିକ କାର୍ଯ୍ୟ ହୋଇ ଚାଲିଛି । ଯାହାକି ଆସନ୍ତା ଦିନରେ ଗଣତାନ୍ତ୍ରିକ ସ୍ଥାନକୁ ସଙ୍କୁଚିତ କରିବା ସହ ଗ୍ରାମ ସଭା ଗୁଡିକର କ୍ଷମତାକୁ ହ୍ରାସ କରିବ । ବିଭିନ୍ନ ଗଣମାଧ୍ୟମରେ ବି ଏ ସମ୍ପର୍କିତ ଖବର ବାରମ୍ବାର ରିପୋର୍ଟ ହୋଇ ଆସୁଛି । ଯେଉଁଥିରେ ଉଲ୍ଲେଖ ରହୁଛି ଯେ, ଲକ୍‌ଡାଉନ୍ ଅବଧି ଭିତରେ ଜଙ୍ଗଲ ଅଧିକାର ଆଇନ୍, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ବନନିବାସୀ ୨ ୦ ୦ ୬ (FRA) କୁ ବାରମ୍ବାର ବନବିଭାଗ ଉଲ୍ଲଂଘନ କରୁଛି । ତେଣୁ ଆଦିବାସୀ ତଥା ଜଙ୍ଗଲ ଅଂଚଳରେ ବାସ କରୁଥିବା ଲୋକମାନଙ୍କର ସାମ୍ବିଧାନିକ ଅଧିକାର କ୍ଷୂର୍ଣ୍ଣ ହେଉଛି । ସାମ୍ବିଧାନିକ ଅଧିକାର ଉଲ୍ଲଂଘନ ଓ ଗ୍ରାମସଭାଗୁଡିକର କ୍ଷମତାକୁ ଅବମାନନା କରିବାର ଏହି ଧାରାକୁ ଆଇନଗତ ଭାବେ ସମାଧାନ କରାଯିବା ଦରକାର । ଏ ଦିଗରେ ଗ୍ରାମସଭାଗୁଡିକ ଆଇନ ଉଲ୍ଲଂଘନ ବିରୋଧରେ ସଂକଳ୍ପ ପାରିତ କରି ପାରିବେ ଏବଂ ଅମଲାତାନ୍ତ୍ରିକ ବିଧିବ୍ୟବସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ଉତ୍ତରଦାୟୀ କରି ସେମାନଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରି ପାରିବେ ।

ଏନେଇ ଏକ ସରଳ ଓ ସାଧାରଣ ଗ୍ରାମସଭା ସଙ୍କଳ୍ପ (ରିଜୋଲ୍ୟୁସନ୍) ପ୍ରସ୍ତୁତ କରାଯାଇଛି । ଯାହାକି ଆନେକ୍ସର ୧ରେ ଉଲ୍ଲେଖ ରହିଛି । ଜଙ୍ଗଲ ଅଧିକାରକୁ ସୁରକ୍ଷା ଦେବାରେ, ଗ୍ରାମସଭା ଦ୍ୱାରା ପରିତ ହେଉଥିବା ସଂକଳ୍ପ(ରିଜୋଲ୍ୟୁସନ୍)କୁ କାର୍ଯ୍ୟକାରୀ କରିବା ଦିଗରେ, ଏହା ଏକ ମାର୍ଗଦର୍ଶିକା ଭାବେ ବ୍ୟବହାର ହୋଇପାରିବ । ଏକ୍ଷେତ୍ରରେ ଆମେ ବ୍ୟକ୍ତିଗତ ବୃକ୍ଷରୋପଣର ଉଦାହରଣ ନେଇଛୁ । ତେବେ ଏହି ପ୍ରସଙ୍ଗଟି ବିଭିନ୍ନ କ୍ଷେତ୍ରରେ ଭିନ୍ନ ହୋଇପାରେ । ବିଭିନ୍ନ ଘଟଣା ଓ ବିଭିନ୍ନ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ସଂକଳ୍ପ ବା ରିଜୋଲ୍ୟୁସନ୍‌ରେ ପରିବର୍ତ୍ତନ ଅଣାଯାଇ ପାରେ । ଉଦାହରଣ ସ୍ୱରୂପ- ଯଦି କୌଣସି ଶିଳ୍ପାଞ୍ଚଳର ଅଭିବୃଦ୍ଧି ପାଇଁ ଜଙ୍ଗଲ ଜମିର ବିନିଯୋଗ ସମ୍ବନ୍ଧୀୟ ପ୍ରସଙ୍ଗ ଉଠେ ଓ ସେଠାରେ ଏମ୍‌ଏଫ୍‌ପି_(MFP) ସଂଗ୍ରହ ବା ଗ୍ରାମସଭାର ଅନୁମତି ଉଲ୍ଲଂଘନ ସମ୍ବନ୍ଧିତ ବିଷୟ ଆସେ ତେବେ PESA ଓ FRA ର ଆଇନଗତ ବ୍ୟବସ୍ଥା ଓ ବ୍ୟବହାର ବଦଳି ଯାଇପାରେ । ଏହାଛଡା ଅନୁସୂଚିତ ଅଞ୍ଚଳ ପାଇଁ ମଧ୍ୟ ସଙ୍କଳ୍ପ (ରିଜୋଲ୍ୟୁସନ୍)ର ନମୁନା ପ୍ରସ୍ତୁତ କରାଯାଇଛି । ଯଦି ଗୋଟିଏ ଗ୍ରାମସଭା ଏକ ଅଣ-ଅନୁସୂଚିତ ଅଂଚଳରେ ରହିଛି ତେବେ ଗ୍ରାମସଭା, ଅନ୍ୟ ସମସ୍ତ ଆଇନକୁ ଆଖି ଆଗରେ ରଖି ସମ୍ବିଧାନର ୫ମ ସିଡ୍ୟୁଲ୍ ଓ ପଞ୍ଚାୟତର ଧାରା ୧ ୯ ୯ ୬ (PESA) ର ସନ୍ଦର୍ଭକୁ ହଟାଇ ଦେଇ ପାରିବ ।

ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦିଗରେ ସହାୟକ ହେବା ପାଇଁ ଆମେ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଏକ ସଙ୍କଳ୍ପ (ରିଜୋଲ୍ୟୁସନ୍) ସମ୍ବଳିତ ନମୁନା ଆବରଣ ପତ୍ର ପାଠାଇବାର ମଧ୍ୟ ବ୍ୟବସ୍ଥା କରିଛୁ । ଯାହାକି ଆନେକ୍ସର ୨ (୨ ନମ୍ବର ସଂଲଗ୍ନ)ରେ ପ୍ରଦାନ କରାଯାଇଛି । ଏଠାରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବରଣ ପତ୍ରର ନମୁନା, ଜଙ୍ଗଲ ଅଧିକାର ଆଇନର ଧାରା ୮ ପାଇଁ ଥିବା ବିଜ୍ଞପ୍ତି ଅନୁସାରେ ଅଛି । ତେବେ ଏହା ସମାନ ଢ଼ଙ୍ଗରେ ବିଭିନ୍ନ ଉଲ୍ଲଂଘନ ପ୍ରସଙ୍ଗ, ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ପରିବର୍ତ୍ତନ କରାଯାଇ ପାରିବ । ଆନେକ୍ସର ୩ (୩ ନମ୍ବର ସଂଲଗ୍ନ), ରେ ଆମେ ବିଭିନ୍ନ ପ୍ରସଙ୍ଗରେ ବ୍ୟବହାର କରାଯାଉଥିବା ଆଇନଗତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିଛୁ । ବିଭିନ୍ନ ସଙ୍କଳ୍ପ (ରିଜୋଲ୍ୟୁସନ୍) ପ୍ରସ୍ତୁତ କଲାବେଳେ ଏହି ତାଲିକାଟି ସହାୟକ ହେବ କାରଣ ଏଥିରେ ଆଦିବାସୀ ତଥା ଜଙ୍ଗଲବାସୀଙ୍କ ଅଧିକାର, ଋଜଇଓ ଚଋଝଇଅଧୀନରେ ଥିବା ଗ୍ରାମସଭାର କ୍ଷମତା ବାବଦରେ ଉଲ୍ଲେଖ ରହିଛି । ଆନେକ୍ସର ୪ (୪ ନମ୍ବର ସଂଲଗ୍ନ)ରେ ଗ୍ରାମସଭା ଦ୍ୱାରା ପାରିତ ସଙ୍କଳ୍ପ (ରିଜୋଲ୍ୟୁସନ୍) ବାବଦରେ, କିଛି ଅତିରିକ୍ତ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରାଯାଇଛି । ବିଶେଷ କରି ଜଙ୍ଗଲ ଅଧିକାର ଆଇନ ଓ ଅନ୍ୟ ପରମ୍ପରାଗତ ବନ ନିବାସୀଙ୍କର ଅଧିକାର ଉଲ୍ଲଂଘନକୁ ସମାଧାନ କରିବା ଦିଗରେ ଏହା ସହାୟକ ହେବ ।

## ଆନେକ୍ସର୍ (ସଂଲଗ୍ନ) ୧

# ଏକ ଗ୍ରାମସଭା ସଂକଳ୍ପ କିପରି ଲେଖିବ

ତାରିଖ: ଦିନ/ ମାସ/ ବର୍ଷ
ସ୍ଥାନ: ....................

(*)ଙ୍କ ବିରୋଧରରେ ଗ୍ରାମସଭା ସଙ୍କଳ୍ପ, (*) ବେଆଇନ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ, (*) ବନ ବିଭାଗ ଅଧିକାରୀଙ୍କ ଦ୍ୱାରା କରାଯାଇଛି ।(ସ୍ଥାନର ନାମ ଉଲ୍ଲେଖ କରିବା ଜରୁରୀ)

ଆମେ.....ଗାଁର...ପଞ୍ଚାୟତର....ବ୍ଲକ୍....ଜିଲ୍ଲାର ଗ୍ରାମ ସଭା ସଦସ୍ୟ । ଏହି ଗ୍ରାମସଭା ବୈଠକ...ଦିନ..ମାସ...ବର୍ଷ...........ନିର୍ଦ୍ଦିଷ୍ଟ ଜାଗା(ସ୍ଥାନ/ ଗାଁର ନାମ)ରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମସଭା ଆୟୋଜନ ବେବେ ସେଠାରେ ଗ୍ରାମସଭା ସଦସ୍ୟ.........ଲୋକମାନେ ଉପସ୍ଥିତ ଥିଲେ (ଏଠାରେ କେତେ ଜଣ ସଦସ୍ୟ ଉପସ୍ଥିତ ଥିଲେ ତାହା ଲେଖିବା ଜରୁରୀ) । ଏହାଛଡା ଗ୍ରାମସଭାରେ କେତେଜଣ ମହିଳା ଉପସ୍ଥିତ ଥିଲେ ତାହା ନିର୍ଦ୍ଦିଷ୍ଟ ଭାବେ ଲେଖାଯିବା ଦରକାର । ଏହି ଗ୍ରାମ ସଭା ଜଙ୍ଗଲ ବିଭାଗ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା (*) ବୃକ୍ଷରୋପଣ କାର୍ଯ୍ୟକ୍ରମ ବିରୋଧରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରିବାକୁ ଡକାଯାଇଛି ।

........ବର୍ଷ ଆମେ ବ୍ୟକ୍ତିଗତ ଜଙ୍ଗଲ ଅଧିକାର (IFR) ପାଇଁ ଦାବି କରିଥିଲୁ । ଯାହାକି ଜଙ୍ଗଲ ଅଧିକାର ଆଇନ ଓ ଅନ୍ୟ ପରମ୍ପରାଗତ ବନ ନିବସୀ, ୨୦୦୬ (FRA) ଅନୁସାରେ ...........ବର୍ଷରେ ପରିଚିତ ଓ ସ୍ୱୀକୃତିପ୍ରାପ୍ତ ହୋଇଥିଲା । ............ ବର୍ଷ ଆମେ ଆମର ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର (CFR) ପାଇଁ ମଧ୍ୟ ଦାବି କରିଥିଲୁ । SDLC/DLC ପୂର୍ବରୁ ସେହି ଦାବି ଚୂଡାନ୍ତ ନିଷ୍ପତ୍ତି ପାଇ ପାରିନାହିଁ । ଯାହାକି ଏବେବି ବିଚାରଧୀନ ରହିଛି । ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ (ଯେପରିକି ଔଷଧୀୟ ବୃକ୍ଷଲତା) ପାଇଁ ଆମେ ସାମ୍ପ୍ରଦାୟିକ ଜଙ୍ଗଲ ଉପରେ ନିର୍ଭର କରୁ । ଏସବୁ ଜଙ୍ଗଲରେ ମିଳୁଥିବା ବେଳେ ତାହା ଆମର ଜୀବନଧାରଣ ଓ ଜୀବିକା ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଜଙ୍ଗଲ ବିଭାଗ ଅଧିକାରୀମାନେ ....ଦିନ...ମାସ...ବର୍ଷରେ (ଏକ ନିର୍ଦ୍ଦିଷ୍ଟ ତାରିଖ ଆମର ଗ୍ରାମସଭା ଅଧୀନରେ ଥିବା ଜଙ୍ଗଲ ଯାହାକି CFR ବା ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାରରେ ଅଛି ତାହାକୁ ଖୋଳିବା ଆରମ୍ଭ କଲେ । ଏହି ଜମିକୁ ଆମେ ବୃକ୍ଷରୋପଣ ପାଇଁ ବ୍ୟବହାର କରି ପାରୁବୁ ବୋଲି କୁହାଯାଇଥିବା ବେଳେ ତାହାକୁ ଏବେ ଜଙ୍ଗଲ ବିଭାଗ ଅଧିକାରୀମାନେ ଖୋଳିବା ଆରମ୍ଭ କରିଛନ୍ତି । (ଏସବୁକୁ ଛାଡିଦେଲେ, ଯଦି ଆଉ କିଛି ପୁଙ୍ଖାନୁପୁଙ୍ଖ ତଥ୍ୟ ଅଛି ତେବେ ତାହାକୁ ଲେଖ, ଯେପରିକି କେଉଁ ବିଭାଗୀୟ ଅଧିକାରୀ (ତାଙ୍କ ନାମ) ଯିଏ ଏସବୁ କଥା କହିଛନ୍ତି... । (ନିର୍ଦ୍ଦିଷ୍ଟ ଭାବେ ଯଦି କୌଣସି ଧମକ୍ ବା ହିଂସା ଘଟିଛି, ମୌଖିକ ନିର୍ଯାତନା, ଶାରୀରିକ ଓ ଯୌନ ହିଂସା ଘଟିଛି ତେବେ ସେସବୁକୁ ଉଲ୍ଲେଖ କର) ।

ଏହି ବୃକ୍ଷରୋପଣ ପାଇଁ ଆମ ଗ୍ରାମସଭାରୁ କୌଣସି ସହମତି ଗ୍ରହଣ କରାଯାଇ ନାହିଁ । ତେଣୁ ଏହା ସମ୍ବିଧାନର ୧୯୯୬ ଚରଝଇ ଓ ୨୦୦୬ ରଜଇ ( ଜଙ୍ଗଲ ଅଧିକାର ଆଇନ ଓ ଅନ୍ୟ ପରମ୍ପରାଗତ ବନବାସୀ, ୨୦୦୬) ର ୫ମ ସିଡ୍ୟୁଲ୍‌କୁ ଉଲ୍ଲଂଘନ କରୁଛି । ତେଣୁ ଜଙ୍ଗଲ ବିଭାଗର ସଂପୃକ୍ତ ଅଧିକାରୀ ଚଙଇଅଧୀନିୟମ ୧୯୮୯ ଅନୁସାରେ ଆଇନତ କୈଫିୟତ ଦେବାକୁ ଓ ଦଣ୍ଡ ଭୋଗିବାକୁ ବାଧ୍ୟ । ଏହାଛଡା ଆଇପିସି ଧାରା, ବେଆଇନ ବୃକ୍ଷରୋପଣ ଦ୍ୱାରା ସାମ୍ପ୍ରଦାୟିକ ଜଙ୍ଗଲ ଜମି ଓ ଉତ୍ସର ଅପ ବ୍ୟବହାର

କରିବା ଭଳି କାର୍ଯ୍ୟରୁ ବନବିଭାଗ ଅଧିକାରୀଙ୍କୁ ରୋକିବାରେ ସମର୍ଥ ହୋଇଥାଏ। କେବଳ ସେତିକି ନୁହେଁ ଜଙ୍ଗଲ ଜମି ଅଧିକାରର କଥା ଆସିଲେ କିପରି କେହି ଗ୍ରାମସଭା ସଦସ୍ୟଙ୍କୁ ଦୁଃବ୍ୟବହାର ଓ ବଳପ୍ରୟୋଗ କରିପାରିବେ ନାହିଁ ସେ ଦିଗରେ ମଧ୍ୟ କାର୍ଯ୍ୟ କରିଥାଏ। ଗ୍ରାମସଭା ନିୟମ ଅନୁସାରେ ସଂପୃକ୍ତ ବନ ବିଭାଗ ଅଧିକାରୀମାନେ ଏହି ବେଆଇନ କାମ ପାଇଁ ସମ୍ବିଧାନର ୨୦୦୬ FRA ଅଧୀନିୟମ ସେକ୍ସନ୍ ୭ ଓ ୮ ଅନୁସାରେ ଏବଂ ୧୯୮୯ POA ଅଧୀନିୟମର ସେକ୍ସନ୍ ୩ ଅନୁସାରେ କୈଫିୟତ୍ ତଲବ କରିବାକୁ ଉତ୍ତରଦାୟୀ ଅଟନ୍ତି।

ଏସବୁକୁ ଆଖି ଆଗରେ ରଖି ଗ୍ରାମସଭା ଏହି ନିଷ୍ପତ୍ତି ନେଉଛି ଯେ, ବନ ବିଭାଗ ଆରମ୍ଭ କରିଥିବା ବେଆଇନ ବୃକ୍ଷରୋପଣ ଓ ରଜଇ ଅଧୀନରେ ଅଧିକାର ପାଇଥିବା ବ୍ୟକ୍ତିବିଶେଷଙ୍କ ଉପରେ କରୁଥିବା ଦୁର୍ବ୍ୟବହାରକୁ ତରନ୍ତ ବନ୍ଦ କରନ୍ତୁ । ଯଦି ଏହାକୁ କେହି ଅବମାନନା କରନ୍ତି ତେବେ ଗ୍ରାମସଭା ସେମାନଙ୍କ ବିରୁଦ୍ଧରେ ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବ। ୧୯୮୯, ପିଓଏ ଅଧୀନିୟମ ଅନୁସାରେ ସଂପୃକ୍ତି ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ। ଗ୍ରାମସଭା ଏନେଇ ସଂପୃକ୍ତ ବନ ବିଭାଗ ଅଧିକାରୀଙ୍କ ବିରୁଦ୍ଧରେ ତଦନ୍ତ କରିବାକୁ ରାଜ୍ୟସ୍ତରୀୟ ଯାଂଚ କମିଟି ( ଷ୍ଟେଟ୍ ଲେଭେଲ୍ ମନିଟରିଂ କମିଟି(ଏଓ୍ଏଲ୍ଏମ୍ସି)ଙ୍କୁ ୨୦୦୬ ଏଫ୍ଆର୍ଏ ଧାରା ୮ ଓ ୨୦୦୮ ଏଫ୍ଆର୍ ନିୟମ ୧୦ (ଡି) ଅନୁସାରେ ନୋଟିସ ଜାରି କରିବ।

ଏହି ସଂକଳ୍ପପତ୍ରର ଏକ ପ୍ରତିଛବି (ରିଜୋଲ୍ୟୁସନ୍ କପି) ରାଜ୍ୟସ୍ତରୀୟ ଯାଞ୍ଚ କମିଟି, ମାନ୍ୟବର ରାଜ୍ୟପାଳଙ୍କ ଅଫିସ, ଜିଲ୍ଲାପାଳ (...) (ସଂପୃକ୍ତ ଜିଲ୍ଲାର ନାମ), ଜଙ୍ଗଲ ବିଭାଗ ଅତିରିକ୍ତ ବନ୍ୟସଂରକ୍ଷକ, ବନବିଭାଗ (ଏସିଏଫ୍, ଏଫ୍ଡି), ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ପିଏଆଇଟିଡିଏ)ର ପ୍ରକଳ୍ପ ଅଧିକାରୀ, କଲ୍ୟାଣ ବିଭାଗୀୟ ଅଧିକାରୀ (ଡବ୍ଲ୍ୟୁଇଓ), ଗ୍ରାମସ୍ତରୀୟ କର୍ମକର୍ତ୍ତା(ଭିଏଲ୍ଡବ୍ଲ୍ୟୁ), କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ଓ ଏହାର ସଚିବଙ୍କ ନିକଟକୁ ପଠାଯିବ। ରାଜ୍ୟ ସରକାର ମଧ୍ୟ ଏଥିରେ ହସ୍ତକ୍ଷେପ କରି ଉପରୋକ୍ତ ସମସ୍ତ ବିଭାଗ ତରଫରୁ ବେଆଇନ ବୃକ୍ଷରୋପଣ ପାଇଁ ବନ ବିଭାଗ ବିରୁଦ୍ଧରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ।

**ଉପସ୍ଥିତ ଥିବା ଗ୍ରାମ ସଭା ସଦସ୍ୟ ଓ ଭୋଟିଂ କରିଥିବା ଗ୍ରାମସଭା ସଦସ୍ୟଙ୍କ ନାମ ଓ ଦସ୍ତଖତ / ହାତ ଆଙ୍ଗୁଳି ଚିହ୍ନ ରହିବ :**

୧.

୨.

୩. ......

**ଟିପ୍ପଣୀ ୧ :** କେନ୍ଦ୍ର ସରକାରଙ୍କ ଗୃହମନ୍ତ୍ରଣାଳୟ (MHA) ନିର୍ଦ୍ଦେଶ ଅନୁସାରେ ଏହି ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ବେଳେ ସାମାଜିକ ଦୂରତା, ହାତ ପରିଷ୍କାର ପରିଚ୍ଛନ୍ନ କରିବା, ମୁହଁରେ ମାସ୍କ ପିନ୍ଧିବା ଭଳି ଯାବତୀୟ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନରେ ରଖାଯାଇଛି ।

**ଟିପ୍ପଣୀ ୨ :** ସଙ୍କେତ ଓ ଛୋଟ ଦସ୍ତଖତ ସମ୍ବନ୍ଧିତ ସ୍ପଷ୍ଟୀକରଣ:
(କ): (.....) ଖାଲି ସ୍ଥାନର ଏକ ନିର୍ଦ୍ଦିଷ୍ଟ ମାମଲା କିମ୍ବା ଘଟଣା ବାବଦରେ ଲେଖାଯିବା ପାଇଁ ରହିଛି ।
(ଖ) : ଡିଡି/ ଏମ୍ଏମ୍/ ୱାଇ ଲେଖାଯାଇଥିବା ସ୍ଥାନରେ ଦିନ, ମାସ ଓ ବର୍ଷ ଏକ ନିର୍ଦ୍ଦିଷ୍ଟ କ୍ରମରେ ଲଖାଯିବା ଦରକାର ଓ ଏହା ନିର୍ଦ୍ଦିଷ୍ଟ ହେବା ଦରକାର ।
(ଗ) : ୱାଇ ଲେଖାଥିବା ସ୍ଥାନରେ ବର୍ଷ ବାବଦରେ ଲେଖାଯିବ ଯାହାକି ସ୍ପଷ୍ଟ ହେବା ଦରକାର ।

*******

## ଆନେକ୍ସର (ସଂଲଗ୍ନ) ୨

# ଏକ ମୁଖପତ୍ର କିପରି ଲେଖିବ

ମନନୀୟ,

ମୁଖ୍ୟ ଶାସନ ସଚିବ ବା ସଭାପତି

ରାଜ୍ୟସ୍ତରୀୟ ଯାଞ୍ଚ କମିଟି

(ସହର, ରାଜ୍ୟ)

ବିଷୟ: ରାଜ୍ୟସ୍ତରୀୟ ଯାଞ୍ଚ କମିଟିକୁ ଦିଆଯାଇଥିବା ବିଜ୍ଞପ୍ତି, ଧାରା(ସେକ୍ସନ୍) ୮ ଆଧୀନରେ ନିୟମ ଉଲ୍ଲଂଘନକାରୀ ବିରୁଦ୍ଧରେ ଧାରା (ସେକ୍ସନ୍) ୭ ଦ୍ୱାରା, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ବନ ନିବାସୀ, ୨୦୦୬ ଅଧୀନିୟମ (FRA, ୨୦୦୬) ଅନୁସାରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ବାବଦରେ ଏହି ବିଜ୍ଞପ୍ତି ପ୍ରସ୍ତୁତ ହେବା ଦରକାର।

ମହୋଦୟ,

ଆମେ (*) (ଗ୍ରାମସଭାର ନାମ / ଗାଁର ନାମ) ଗ୍ରାମସଭା, ଏହାର ସଙ୍କଳ୍ପ (ରିଜୋଲ୍ୟୁସନ୍) ଦିନ/ମାସ/ବର୍ଷ ଅନୁସାରେ (*) (ଗ୍ରାମସଭା ସଙ୍କଳ୍ପ(ରିଜୋଲ୍ୟୁସନ୍)ର ଏକ କପି ଆନେକ୍ସରରେ ସଂଲଗ୍ନ କରନ୍ତୁ) ଆପଣଙ୍କୁ ନିବେଦନ କରୁଛୁ ଯେ, ନିମ୍ନଲିଖିତ ଅଭିଯୋଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

(*) (ଘଟଣା ବା ପରିସ୍ଥିତିର ସଂକ୍ଷିପ୍ତ ଅଥଚ ପୁଙ୍ଖାନୁପୁଙ୍ଖ ରୂପରେଖ ପ୍ରଦାନ କରନ୍ତୁ)। ସଂପୃକ୍ତ ଅଧିକାରୀଙ୍କ କାର୍ଯ୍ୟକଳାପ (*) (ଅଧିକାରୀଙ୍କ ନାମ, ସେ କାମ କରୁଥିବା ବିଭାଗ ଓ କେଉଁ ପଦବୀରେ ରହିଛନ୍ତି ତାହା ଲେଖନ୍ତୁ)। ଯାହାକି ଭାରତୀୟ ସମ୍ବିଧାନର ୫ମ ଧାରାକୁ ଉଲ୍ଲଂଘନ କରୁଛି, ୧୯୯୬ (PESA) ପଞ୍ଚାୟତ ଅଧୀନିୟମ (ଅନୁସୂଚିତ ଅଞ୍ଚଳକୁ ବ୍ୟାପିଯିବା), ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ବନ ନିବାସୀ ୨୦୦୬ FRA ର ଧାରା ୭, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟିଜ୍) ଅଧୀନିୟମ ଧାରା ୩, ୧୯୮୯ (ପିଓଏ ଧାରା, ୧୯୮୯) ଏବଂ ଭାରତୀୟ ଦଣ୍ଡ ବିଧାନ (ଆଇପିସି) ଓ ଅନ୍ୟାନ୍ୟ ନିୟମଗୁଡ଼ିକୁ ଉଲ୍ଲଂଘନ କରୁଛି। (*) ଅଧିକ ବିବରଣୀ ପାଇଁ ଦୟାକରି ସଂଲଗ୍ନ ୨ (ଆନେକ୍ସର ୨) ଦେଖନ୍ତୁ। ଏଗୁଡିକ FRA, PESA,POA ରୁ ବାହାର କରାଯାଇଛି।

ତେଣୁ ଜଙ୍ଗଲ ଅଧିକାର ଅଧୀନିୟମର ଧାରା ୮ ଅନୁସାରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟିକୁ ୬୦ ଦିନର ନୋଟିସ ଜାରି କରାଯାଇଛି । ଜଙ୍ଗଲ ଅଧିକାର ଅଧୀନିୟମର ଧାରା ୭ ଅନୁସାରେ ଏହା ଏକ ଅପରାଧ । ଯାହାକି ଉପରୋକ୍ତ ଅଧିକାରୀମାନଙ୍କୁ ଉପରେ ଉପରୋକ୍ତ ଦଣ୍ଡବିଧାନ ଦେବ । ଜଙ୍ଗଲ ଅଧିକାର ଅଧୀନିୟମର ବିଭିନ୍ନ ଧାରା ଓ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଓ ସମ୍ବିଧାନ ଓ ଅନ୍ୟାନ୍ୟ ନିୟମ ଉଲ୍ଲଂଘନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ଅନୁସନ୍ଧାନ ବା ଯାଞ୍ଚ କରାଯିବା ଦରକାର । (.....) (ବିଭାଗୀୟ ଅଧିକାରୀ ଓ ସେମାନଙ୍କର ବିଭାଗର ନାମ ଲେଖନ୍ତୁ)

**ଦସ୍ତଖତ:**

୧. ଗ୍ରାମ ସଭାର ସଭାପତିଙ୍କ ନାମ

୨.ଜଙ୍ଗଲ ଅଧିକାର କମିଟିର ସଚିବଙ୍କ ନାମ

୩. ଅନ୍ୟାନ୍ୟ ସଦସ୍ୟଙ୍କ ନାମ ( ଯୁବ କମିଟି ସଭାପତିଙ୍କ ନାମ, ମହିଳା ସମିତି ସଭାପତିଙ୍କ ନାମ ଇତ୍ୟାଦି)

**ଏହି ଦରଖାସ୍ତ ଆଉ କାହାକୁ ପଠାଯିବ:**

୧.ରାଜ୍ୟସ୍ତରୀୟ ଯାଞ୍ଚ କମିଟି (SLMC)

୨.ମାନ୍ୟବର ରାଜ୍ୟପାଳଙ୍କ କାର୍ଯ୍ୟାଳୟ

୩.ଜିଲ୍ଲାପାଳ (DC)

୪. ସହକାରୀ ବନ ସଂରକ୍ଷକ, ବନ ବିଭାଗ (FCF, FD)

୫. ପ୍ରକଳ୍ପ ଅଧିକାରୀ: ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (PA-ITDA)

୬. ଜିଲ୍ଲା କଲ୍ୟାଣ ଅଧିକାରୀ (WEO)

୭.ଗ୍ରାମ୍ୟସ୍ତରୀୟ କର୍ମୀ (VLW)

୮. କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାରା ମନ୍ତ୍ରଣାଳୟ (MOTA)

୯. ରାଜ୍ୟ ସରକାରଙ୍କ ଆଦିବାସୀ ବିଭାଗ ସଚିବ

**ଟିପ୍ପଣୀ – ୨ :** ଛୋଟ ଦସ୍ତଖତ ଓ ସଙ୍କେତ ବ୍ୟବହାର ସମ୍ବନ୍ଧିତ ସ୍ପଷ୍ଟୀକରଣ)

୧. (*) ଏହି ଖାଲି ସ୍ଥାନରେ ନିର୍ଦ୍ଦିଷ୍ଟ ମାମଲା ବା ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଲେଖାଯିବ ।
୨. ଦିନ / ମାସ / ବର୍ଷ : ଏକ ନିର୍ଦ୍ଦିଷ୍ଟ କ୍ରମରେ ତାରିଖ / ମାସ / ବର୍ଷ ବାବଦରେ ଲେଖାଯିବ । ଯାହାକି ନିର୍ଦ୍ଦିଷ୍ଟ ହେବା ଦରକାର ।
୩. ବର୍ଷ : ଏହା ବର୍ଷ ଲେଖାଯିବା ପାଇଁ ରହିଛି । ତେବେ ଏହା ନିର୍ଦ୍ଦିଷ୍ଟ ହେବା ଦରକାର ।

*******

## ଆନେକ୍ସର- ୩

# ଜଙ୍ଗଲ ଅଧିକାର ଆଇନ୍ ଓ ପେସା ଅଧୀନିୟମର ଅଂଶ

### (ଏ) ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ବନ ନିବାସୀ ୨୦୦୬ (ରଜଇ)

**( ୧ ) ଜଙ୍ଗଲର ସୁରକ୍ଷା, ପୁନଃନିର୍ମାଣ, ସଂରକ୍ଷଣ ଓ ପରିଚାଳନା ପାଇଁ ଥିବା ଅଧିକାର ଓ ଦାୟିତ୍ୱ ।**

(କ) ଜୈବବିବିଧତାର ସଂରକ୍ଷଣ, ପରିବେଶ ସନ୍ତୁଳନର ରକ୍ଷଣାବେକ୍ଷଣ ପାଇଁ ଜଙ୍ଗଲ ଅଧିବାସୀଙ୍କ ଅଧିକାର ଓ ଦାୟିତ୍ୱକୁ ଚିହ୍ନିବା ଦିଗରେ FRAର ଭୂମିକା ରହିଛି । ଫଳସ୍ୱରୂପ ଏହା ଜଙ୍ଗଲ ସଂରକ୍ଷଣ ଦିଗରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ସାମ୍ପ୍ରଦାୟିକ ସ୍ତରରେ ହେଉଥିବା ସଂରକ୍ଷଣ କାର୍ଯ୍ୟ, ଜଙ୍ଗଲ ଅଧିବାସୀଙ୍କ ଚିହ୍ନଟ ଦ୍ୱାରା ଏହା ସେମାନଙ୍କର ଜୀବନ ଜୀବିକା ଓ ଖାଦ୍ୟ ନିରାପତ୍ତାକୁ ସଂରକ୍ଷିତ କରି ପାରିଛି । ଯାହାକି ଜଙ୍ଗଲ ପରିବେଶକୁ ସୁରକ୍ଷିତ ରଖିବାର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

(ଖ) ଧାରା ୩ ( ୧ ) ଜଙ୍ଗଲ ଅଧିକାରକୁ ସୁରକ୍ଷିତ କରିବା ସହ ନୂଆ ଜଙ୍ଗଲ ସୃଷ୍ଟି କରିବା, ବନ୍ୟ ସଂରକ୍ଷଣ, ଜଙ୍ଗଲଜାତ ଦ୍ରବ୍ୟର ପରିଚାଳନା କରିବା ଦିଗରେ କାର୍ଯ୍ୟ କରିଥାଏ । ଯାହାକୁ ପାରମ୍ପରିକ ବ୍ୟବହାର ପାଇଁ ସମ୍ପ୍ରଦାୟର ଲୋକମାନେ ପାରମ୍ପରିକ ଢ଼ଙ୍ଗରେ ସୁରକ୍ଷା ଓ ସଂରକ୍ଷଣ କରିଥାନ୍ତି ।

(ଗ) ଧାରା ୩ ( ୧ ) (କେ) ଜଙ୍ଗଲ ଅଧିକାରକୁ ଜୈବବିବିଧତା ଓ ସାମ୍ପ୍ରଦାୟିକ ଅଧିକାରକୁ ଜାଣିବା ଦିଗରେ ସହାୟକ ହେବା ସହ ସାଂସ୍କୃତିକ ବିବିଧତା ଓ ଜୈବବିବିଧତାକୁ ବୁଝିବାରେ ସାହାଯ୍ୟ କରେ ।

(ଘ) ଧାରା ୫ ଅନୁସାରେ, ଜୈବବିବିଧତା, ପ୍ରାକୃତିକ ଉତ୍ସ, ବନ୍ୟଜନ୍ତୁ, CFR ଅଧୀନରେ ଥିବା ଜଳସମ୍ପଦ ଆଦିର ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ପାଇଁ ଗ୍ରାମସଭା ନିକଟରେ କ୍ଷମତା ରହିଛି । ଏହାଛଡା ସାଂସ୍କୃତିକ ଓ ଆଧ୍ୟାତ୍ମିକ ସମ୍ବଳକୁ ଯେପରି କୌଣସି କ୍ଷତି ନ ପହଞ୍ଚେ ସେଥିପାଇଁ ଯେକୌଣସି ପ୍ରକାର କାର୍ଯ୍ୟକଳାପକୁ ରୋକିବାର କ୍ଷମତା ବି ଗ୍ରାମସଭାର ରହିଛି ।

(ଙ)ନିୟମ ୪ ( ୧ ) (ଇ) ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ କମିଟି ଗଠନ କରିବାକୁ ଗ୍ରାମସଭାକୁ ଶକ୍ତି ପ୍ରଦାନ କରିଥାଏ ।

(ଚ)ନିୟମ ୪ (୧) (ଏଫ୍) ଏହି କମିଟିଗୁଡ଼ିକର ତଦାରଖ ଓ ନିୟନ୍ତ୍ରଣ ପାଇଁ ଗ୍ରାମସଭାକୁ ଶକ୍ତି ପ୍ରଦାନ କରିଥାଏ। ଯାହାକି ବନ୍ୟ ସଂରକ୍ଷଣ ଓ ସମ୍ପ୍ରଦାୟିକ ଜଙ୍ଗଲ ଜାତ ଦ୍ରବ୍ୟର ପରିଚାଳନା ଦିଗରେ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ। ଯୋଜନାରେ ପରିବର୍ତ୍ତନ ଆଣିବାକୁ ହେଲେ, ବନ ବିଭାଗର କାର୍ଯ୍ୟକାରୀ ଯୋଜନା ସହ ଏହି ଯୋଜନାଗୁଡ଼ିକ କିପରି ମିଳିତ ହୋଇ କାର୍ଯ୍ୟ କରିବେ ସେ ଦିଗରେ ନିଷ୍ପତ୍ତି ନେବାର କ୍ଷମତା ଗ୍ରାମସଭାର ରହିଛି।

## ୨. ଜମିର ବିଭାଜନ ପାଇଁ ଗ୍ରାମସଭାର ସ୍ୱୀକୃତି

(କ) ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନାଞ୍ଚଳ ଆଧିବାସୀଙ୍କ ବିରୁଦ୍ଧରେ ହେଉଥିବା ଐତିହାସିକ ଅନ୍ୟାୟକୁ ଦୂର କରିବା, ସେମାନଙ୍କୁ ଚିହ୍ନଟ କରିବା, ଜଙ୍ଗଲରେ ରହୁଥିବା ଅଧିବାସୀଙ୍କ ଅଧିକାରକୁ ସ୍ୱୀକୃତି ଦେବା, ସେମାନଙ୍କ ଅଧିକାରକୁ ଲିପିବଦ୍ଧ କରିବା, FRA(ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ଅଧୀନିୟମ) ପଛର ମୂଳ ଉଦ୍ଦେଶ୍ୟ। ଯାହାକି ଏହି ନିୟମକୁ କାର୍ଯ୍ୟକାରୀ କରିବା ସହ ଏହାର ତଦାରଖ କରିବା ଦିଗରେ କାମ କରିଥାଏ। ଏହି ଆଇନ କୁହେ ଯେ, ଜଙ୍ଗଲ ଅଧିବାସୀଙ୍କ ପ୍ରତି ଅନ୍ୟାୟ କରାଯାଇଛି ଓ ବର୍ତ୍ତମାନ ବି ସେମାନଙ୍କ ପ୍ରତି ଅନ୍ୟାୟ ହେଉଛି। ସେମାନଙ୍କ ପାଖରେ ଜଙ୍ଗଲ ଅଧିକାରର ସ୍ୱୀକୃତି ନ ଥିବାରୁ ଓ ସେମାନଙ୍କୁ ଚିହ୍ନଟ କରାଯାଉନଥିବାରୁ ବର୍ତ୍ତମାନ ସମୟରେ ବି ସେମାନଙ୍କ ପ୍ରତି ଏହି ଅନ୍ୟାୟ ହେଉଛି। ସେଥିପାଇଁ ଜଙ୍ଗଲ ଅଧିବାସୀଙ୍କ ଚିହ୍ନଟ ଓ ସେମାନଙ୍କ ଅଧିକାରର ସ୍ୱୀକୃତିକୁ ଅଧିକ ସହଜ କରିବା ପାଇଁ ଗ୍ରାମସଭାଗୁଡ଼ିକୁ ନିଷ୍ପତ୍ତି ନେବାର କ୍ଷମତା ପ୍ରଦାନ କରାଯାଇଛି।

(ଖ) ଧାରା ୪ (୫) ଦ୍ୱାରା ଜଣାଯାଏ ଯେ, ଯେତେପର୍ଯ୍ୟନ୍ତ ଜଙ୍ଗଲ ଅଧିବାସୀଙ୍କ ଚିହ୍ନଟ ପ୍ରକ୍ରିୟା, ସେମାନଙ୍କ ଅଧିକାର ସ୍ୱୀକୃତି ଓ ନ୍ୟସ୍ତ ପ୍ରକ୍ରିୟା ଶେଷ ନ ହୋଇଛି ସେତେପର୍ଯ୍ୟନ୍ତ ଜଙ୍ଗଲ ଅଧିବାସୀ (ବିଶେଷ କରି ST ଓ OTFD)ଙ୍କୁ ଜଙ୍ଗଲ ଜମିରୁ ବାହାର କରାଯାଇ ପାରିବ ନାହିଁ। ଏହା ଆମକୁ ଆହୁରି ମନେ ପକାଇ ଦିଏ ଯେ, ଯେତେପର୍ଯ୍ୟନ୍ତ FRA ୨୦୦୬(ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ବନ ନିବାସୀ ୨୦୦୬) ଓ FR ନିୟମ ୨୦୦୮ ଅନୁସାରେ ଅଧିକାର ମାନ୍ୟତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନାହିଁ ସେତେପର୍ଯ୍ୟନ୍ତ ଜଙ୍ଗଲ ଅଧିବାସୀମାନଙ୍କୁ; ସେମାନେ ରହୁଥିବା ଜଙ୍ଗଲ ଜମିରୁ ଅପସରଣ କରାଯାଇ ପାରିବ ନାହିଁ।

(ଗ) ଧାରା ୫ ଦ୍ୱାରା ଜଣାଯାଏ ଯେ, ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ଏସ୍‌ଟି, ଓଟିଏଫ୍‌ଡି ଓ ଗ୍ରାମସଭା ନିକଟରେ କ୍ଷମତା ରହିଛି। ଜଙ୍ଗଲ ସଂଲଗ୍ନ ସ୍ଥାନ, ଜଳ ଉତ୍ସ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ପରିବେଶ ଅନୁକୂଳ ସ୍ଥାନଗୁଡ଼ିକରେ ଉପଯୁକ୍ତ ସୁରକ୍ଷା ଦେବା ମଧ୍ୟ ସେମାନଙ୍କର ଦାୟିତ୍ୱ। ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ପ୍ରଭାବିତ କରୁଥିବା ଯେକୌଣସି ପ୍ରକାର ବିନାଶକାରୀ ଅଭ୍ୟାସରୁ ST ଓ OTFDର ବାସସ୍ଥାନକୁ ସୁରକ୍ଷା ଦେବାର ଶକ୍ତି ବି ସେମାନଙ୍କର ରହିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗ୍ରାମସଭା ଜାଣିବା ଦରକାର ଯେ ଗ୍ରାମସଭାରେ ନିଆଯାଇଥିବା ନିଷ୍ପତ୍ତି ଜଙ୍ଗଲ ଭିତରେ ଅଯାଚିତ ଭାବେ ପ୍ରବେଶକୁ ନିୟନ୍ତ୍ରଣ କରିବା ସହ ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଦିଗରେ କାର୍ଯ୍ୟ କରୁଛି।

ସେଥିପାଇଁ ଯେକୌଣସି କାରଣ ପାଇଁ ହେଉ ପଛେ ଜମି ଆବଣ୍ଟନ ନିଷ୍ପତ୍ତି, ଗ୍ରାମସଭାର ସହମତି ବିନା ନିଆଯାଇପାରିବ ନାହିଁ। କାରଣ ଜଙ୍ଗଲ, ଜଙ୍ଗଲ ଜମିର ବ୍ୟବହାର, ସାମ୍ପ୍ରଦାୟିକ ଜଙ୍ଗଲ ଉତ୍ସକୁ ପ୍ରଭାବିତ କରୁଥିବା ଯେକୌଣସି କାର୍ଯ୍ୟକଳାପ ଉପରେ ନିଷ୍ପତ୍ତି ନେବାର କ୍ଷମତା କେବଳ ଗ୍ରାମସଭା ନିକଟରେ ରହିଛି।

(ଘ) ଫ୍ରି, ପ୍ରାୟର, ଇନ୍‌ଫରମଡ କନ୍‌ସେଣ୍ଟ (FPIC) :ଗ୍ରାମସଭାର ସୂଚନା ଓ ସହମତି ବିନା ଜଙ୍ଗଲ ଜମିକୁ ସ୍ଥାନାନ୍ତରଣ କରାଯାଇ ପାରିବ ନାହିଁ। ନିୟମଗିରି ମାମଲାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଅନୁଶୀଳନରୁ ଜଣାଯାଏ ଯେ; ଅଧିକାରର ସ୍ୱୀକୃତି ଓ ଏହାର ନ୍ୟସ୍ତ ପ୍ରକ୍ରିୟା ଶେଷ ହେବା ପରେ ଗ୍ରାମସଭା ଏକ ସ୍ୱତନ୍ତ୍ର ବୈଠକ ଡାକି ଜମି ଆବଣ୍ଟନ ଉପରେ ବିଚାର କରି ପାରିବ। ବନୀକରଣ କାର୍ଯ୍ୟ କରିବାକୁ ହେଲେ ବି ଜଙ୍ଗଲ ବିଭାଗ ଗ୍ରାମସଭାର ସହମତି ମାଗିବାକୁ ବାଧ୍ୟ। କାରଣ FRA ଅଧୀନରେ ସାମ୍ପ୍ରଦାୟିକ ଜଙ୍ଗଲ ଓ ଜଙ୍ଗଲ ସମ୍ପଦର ପରିଚାଳନା କରିବାର କ୍ଷମତା ଗ୍ରାମସଭା ନିକଟରେ ଅଛି। FRA ( ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ଓ ଅନ୍ୟ ପରମ୍ପରାଗତ ବନ ନିବାସୀ ଅଧୀନିୟମ ୨୦୦୬) ଅଧୀନରେ ଏହି ପ୍ରକ୍ରିୟାକୁ କଡାକଡି ଭାବେ ପାଳନ କରିବା ଓ ଏଥିପାଇଁ ସମ୍ମତି ନେବା ବି ଦରକାର।

## ୩. ଅଧିକାର ଓ ପ୍ରକ୍ରିୟା ଉଲ୍ଲଂଘନ ରୋକିବା ପାଇଁ ଏଫ୍‌ଆର୍‌ଏ ଅଧୀନରେ ଦଣ୍ଡବିଧାନ ବ୍ୟବସ୍ଥା:

(କ) ଧାରା ୭ କହେ ଯେ, ଯଦି କୌଣସି ଅଧିକାରୀ ବା କମିଟି ବା ଅଫିସ ବା ସଦସ୍ୟ ବା ସେହିପରି କୌଣସି ଅଧିକାରୀ ବା କମିଟି FRA ୨୦୦୬ ବା FR ନିୟମ ୨୦୦୮ରେ ରହିଥିବା ବିଧିବ୍ୟବସ୍ଥାକୁ ବିରୋଧ କରନ୍ତି ତେବେ FRA ଅଧୀନରେ ଏହା ଏକ ଦଣ୍ଡନୀୟ ଅପରାଧ ଓ ଏହି ଅପରାଧରେ ଦୋଷୀ ବିବେଚିତ ହେଉଥିବା ଲୋକ ବା ସଂସ୍ଥା ବିରୁଦ୍ଧରେ ଅନୁସନ୍ଧାନ କରାଯିବା ସହ ତାଙ୍କୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ।

(ଖ) ଧାରା ୮ ଅନୁସାରେ; ଯେତେବେଳେ ଗ୍ରାମସଭା ତ୍ରୁଟିପୂର୍ଣ୍ଣ କର୍ତ୍ତୃପକ୍ଷଙ୍କ ବିରୋଧରେ ଏକ ସଙ୍କଳ୍ପ ପାରିତ କରେ; ସେତେବେଳେ ଗ୍ରାମସଭା ରାଜ୍ୟସ୍ତରୀୟ ମନିଟରିଂ କମିଟି (SLMC)କୁ ୬୦ ଦିନରୁ କମ୍ ଦିନର ନୋଟିସ ଦେଇଥାଏ। ହେଲେ ଯେତେବେଳେ ତ୍ରୁଟିପୂର୍ଣ୍ଣ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି କୌଣସି ତଦନ୍ତ କରେ ନାହିଁ ସେତେବେଳେ ଯେକୌଣସି ଅଦାଲତ FRA ୨୦୦୬ ଧାରା ୭ ଅନୁସାରେ ଏହାକୁ ଏକ ଅପରାଧ ଭାବେ ଗ୍ରହଣ କରି ପାରନ୍ତି।

(ଗ) ନିୟମ ୪ (ଡି) କୁହେ ଯେ, FRA ଧାରା ୮ ଅନୁସାରେ ଏକ ବିଜ୍ଞପ୍ତି ପାଇବା ପରେ FRA ଅଧୀନରେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା SLMC ର ଦାୟିତ୍ୱ ଅଟେ।

## (ବି) ପିଇଏସ୍‌ଏ ଦ୍ୱାରା ପରିଚାଳିତ ପଞ୍ଚମ ସିଡ୍ୟୁଲ୍ ଅଞ୍ଚଳରେ ଗ୍ରାମସଭା ପାଇଁ ରହିଥିବା ଅତିରିକ୍ତ ବିଧି ବ୍ୟବସ୍ଥା:

(୧) PESA , ସ୍ଥାନୀୟ ଆଦିବାସୀଙ୍କ ହାତରେ ଜଙ୍ଗଲ ଓ ଜଙ୍ଗଲ ସମ୍ବଳର ନିୟନ୍ତ୍ରଣ, ପରିଚାଳନା ଓ ଶାସନ ଭାର ନ୍ୟସ୍ତ କରିଥାଏ। ପ୍ରାକୃତିକ ସମ୍ପଦର ଉନ୍ନତ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା; ଆଦିବାସୀ ଜନଜାତିଙ୍କ ମଧ୍ୟରେ ଦାରିଦ୍ର୍ୟ, ଖାଦ୍ୟ ନିରାପତ୍ତା, ପୁଷ୍ଟିହୀନତା ଏବଂ ସ୍ଥାନାନ୍ତରଣକୁ କିପରି ରୋକାଯାଇ ପାରିବ ସେ ଦିଗରେ PESA କାମ କରିଥାଏ। ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ଜୀବନ ଜୀବିକା ଓ ଜୀବନଧରଣର ମାନ ବୃଦ୍ଧି କରିଥାଏ। ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପାଇଁ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟର ସଂଯୋଗ ସେମାନଙ୍କ ଅର୍ଥନୀତି, ସାମାଜିକ ଓ ସାଂସ୍କୃତିକ ସମ୍ପର୍କ; ସେମାନଙ୍କ ପରିଚୟ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ।

(୨): PESA ଧାରା ୪ (ଡି) ଅନୁସାରେ ସମ୍ପ୍ରଦାୟର ସମ୍ବଳକୁ ସୁରକ୍ଷା ଦେବାରେ ଗ୍ରାମସଭା ଦକ୍ଷ ଅଟେ। ଏସବୁକୁ ଛାଡି ଦେଲେ କ୍ଷୁଦ୍ର ଜଳ ଭଣ୍ଡାର( ଧାରା ୪ (ଜେ)), କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ (ଧାରା ୪ ଏମ(୨-) ଓ ସମ୍ବଳ (ଧାରା ୪ ଏମ୍ (୭)କୁ ନିୟନ୍ତ୍ରଣ କରିବା, ଯୋଜନା କରିବା ଓ ପରିଚାଳନା କରିବା ଦିଗରେ ମଧ ଗ୍ରାମସଭାର କ୍ଷମତା ରହିଛି।

(୩) : ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯେ ପଞ୍ଚମ ସିଡ୍ୟୁଲ ଅଞ୍ଚଳରେ ଏହି ନିୟମର ସଫଳ କାର୍ଯ୍ୟକାରିତା ପାଇଁ FRA ଓ PESA ଅଧୀନରେ ଥିବା ଗ୍ରାମସଭାର କ୍ଷମତା ଓ ଏହାର କର୍ତ୍ତବ୍ୟ ବାବଦରେ ଏକା ସାଙ୍ଗରେ ପଢ଼ିବା ଜରୁରୀ। ପଞ୍ଚମ ସିଡ୍ୟୁଲ୍ ଅଞ୍ଚଳରେ ଏହା ଗଣତନ୍ତ୍ରର ବିକେନ୍ଦ୍ରୀକରଣ ଅଭ୍ୟାସ କରାଇଥାଏ। ଫଳସ୍ୱରୂପ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ସ୍ୱାଧୀନତା ଦିଗରେ ଦୀର୍ଘଦିନର ଚାହିଦାକୁ ପୂରଣ କରିବାରେ ଏହା ସାହାଯ୍ୟ କରେ।

PESA ଓ FRA ଅଧୀନରେ ଥିବା ବ୍ୟବସ୍ଥାଗୁଡିକରୁ ଜଣାଯାଏ ଯେ, ଜଙ୍ଗଲ ଓ ଜଙ୍ଗଲ ସମ୍ପଦର ସୁରକ୍ଷା, ଏହାର ସଂରକ୍ଷଣ, ପରିଚାଳନା ଜଙ୍ଗଲ ଅଧିବାସୀ ଓ ଆଦିବାସୀ ସମ୍ପ୍ରଦାୟର ସ୍ୱାଧୀନତା ଓ ସୁଶାସନ ଅଧିକାର ସହିତ ଅନ୍ତର୍ନିହିତ ଭାବେ ଜଡିତ। ଏହା ସୂଚାଇଦେବା ଅତ୍ୟନ୍ତ ଜରୁରୀ ଯେ, ଜଙ୍ଗଲ, ଜଙ୍ଗଲ ସମ୍ପଦ, ବନ୍ୟଜନ୍ତୁ ଓ ଜଙ୍ଗଲ ଅଧିବାସୀ ପରସ୍ପର ସହ ଜଡିତ। ଜଙ୍ଗଲ ଅଧିବାସୀଙ୍କଠାରୁ ଏସବୁ ଭିତରୁ କୌଣସି ଗୋଟିଏ ଜିନିଷକୁ ବାହାର କରି ଆଣିବାର ଅର୍ଥ ହେଉଛି ଜଙ୍ଗଲର ବିନାଶ କରିବା।

## ସି. ଅନୁସୂଚିତ ଜାତି ବା ଅନୁସୂଚିତ ପ୍ରିଭେନ୍‌ସନ୍ ଅଫ୍ ଆଟ୍ରୋସିଟିଜ୍ ଅଧୀନିୟମ ୧୯୮୯

(୧): ଧାରା ୩(୧) ଅନୁସାରେ ଜଙ୍ଗଲ ଅଧିବାସୀଙ୍କୁ ସେମାନଙ୍କ ଜମି କିମ୍ବା ଅଞ୍ଚଳ ପରିସରରୁ ଭୂଲ୍‌ରେ ବାହାର କରିବା, ସେମାନଙ୍କ ଅଧିକାର ଉପଭୋଗରେ ବାଧା ସୃଷ୍ଟି କରିବା, ଯେକୌଣସି ଜମି ଉପରେ ଜଙ୍ଗଲ ଅଧିକାର ଆଣିବା, ସେମାନଙ୍କଠାରୁ ସେମାନଙ୍କର ଉତ୍ପାଦ ଛଡାଇ ନେବା ଏକ ଅପରାଧ ଅଟେ। ଯାହାକି ଜାମିନ ବିହୀନ।

(୨) ଏହି ଅପରାଧୀକ କାର୍ଯ୍ୟକଳାପ ପାଇଁ ସର୍ବନିମ୍ନ ୬ ମାସର ଜେଲ୍ ଦଣ୍ଡ ମିଳିପାରେ। ଯାହାକି ୫ ବର୍ଷର କାରାଦଣ୍ଡରୁ ଆରମ୍ଭ କରି ଜୋରିମାନା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଯଦି କୌଣସି ସରକାରୀ ଅଧିକାରୀ ଏହି ଅପରାଧିକ କାର୍ଯ୍ୟର ପୁନରାବୃତ୍ତି କରନ୍ତି ତେବେ ତାଙ୍କର ସର୍ବନିମ୍ନ ଦଣ୍ଡକୁ ଏକ ବର୍ଷ ଯାଏଁ ବୃଦ୍ଧି କରାଯିବ।

(ଟିପ୍ପଣୀ): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବ୍ୟକ୍ତିଙ୍କ ବିରୁଦ୍ଧରେ କରାଯାଇଥିବା ଅପରାଧ ଉପରେ ଧାରା ୩ର ଅନ୍ୟ ଉପଧାରା ସବୁ ସାମିଲ କରାଯାଇ ପାରିବ।

(୩) ଏହି ଆଇନର ଉଲ୍ଲଂଘନ କଲେ ରାଜ୍ୟସରକାରଙ୍କ ଅଧିକାରୀମାନଙ୍କୁ ପୀଡିତାଙ୍କୁ ଆର୍ଥିକ କ୍ଷତିପୂରଣ ଯୋଗାଇ ଦେବାକୁ ବାଧ୍ୟ କରାଯାଏ। ଉଦାହରଣସ୍ୱରୂପ, ଏଫ୍‌ଆଇଆର୍ ପଞ୍ଜୀକରଣ ପରେ ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତଙ୍କୁ ୨୫% ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ପଡିଥାଏ।

(୪) ଯେଉଁଠାରେ ଜଣେ ସରକାରୀ କର୍ମଚାରୀ ଏହି ଅଧୀନିୟମ ଅନୁସାରେ ଅପରାଧ କରିଛନ୍ତି ସେ କ୍ଷେତ୍ରରେ ସଂପୃକ୍ତ ସରକାରୀ ଅଧିକାରୀଙ୍କ ଉପରେ ବୃତ୍ତିଗତ କାର୍ଯ୍ୟାନୁଷ୍ଠାନ, ନିଲମ୍ବନ, ସେବାରୁ ବରଖାସ୍ତ, ଅନ୍ୟାନ୍ୟ ଦଣ୍ଡସହ ତାଙ୍କ ବିରୁଦ୍ଧରେ ଯାବତୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିୟମ ରହିଛି।

ଏନେଇ ବିସ୍ତୃତ ଆଲୋଚନା ପାଇଁ ଦୟାକରି ଗାୟତ୍ରୀ ରଘୁନନ୍ଦନଙ୍କ ଲିଖିତ ପ୍ରିଭେନ୍‌ସନ୍ ଅଫ୍ ଆଟ୍ରୋସିଟିଜ୍ ଆକ୍ଟ ଟୁ ଆଡଭାନ୍ସ ରାଇଟସ୍ ଶୀର୍ଷକ ପୁସ୍ତକ ଦେଖନ୍ତୁ। ଯାହାକି

https://www.fra.org.in/document/PoA_FRA_2019.pdf ରେ ଉପଲବ୍ଧ।

*******

## ଆନେକ୍ସର ୪

# ଅତିରିକ୍ତ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ।

**ଆବେଦନ (ପିଟିସନ୍) / ସଙ୍କଳ୍ପ (ରିଜୋଲ୍ୟୁସନ୍) ପାଇଁ ପରାମର୍ଶ :**

- ଯଦି ଗ୍ରାମସଭା ଆଦିବାସୀ ସଚିବଙ୍କୁ ଚିଠି ବା ଦରଖାସ୍ତ ଲେଖୁଛନ୍ତି ତେବେ ତାହାର ଏକ ପିଟିସନ୍/ରିଜୋଲ୍ୟୁସନ୍ କପି ଜିଲ୍ଲାପାଳ / PA-ITDA ଙ୍କୁ ପଠାଇବା ଆବଶ୍ୟକ ।
- ଯଦି ଗ୍ରାମସଭା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ (MOTA)କୁ ଚିଠି ଲେଖୁଛି ତେବେ ସେ ପିଟିସନ୍ / ରିଜୋଲ୍ୟୁସନ୍ର ଏକ କପି ସଂପୃକ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଯିବା ଦରକାର ।

**କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଧ୍ୟାନରେ ରଖିବାକୁ ହେବ ।**

୧ ) ଏହି ସଙ୍କଳ୍ପ ନିଶ୍ଚିତ ଭାବେ ଗ୍ରାମସଭା ରେଜିଷ୍ଟରରେ ଲେଖାଯିବା ଦରକାର । ଯାହାକି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ରହିଛି ।

୨ ) ସଙ୍କଳ୍ପ (ରିଜୋଲ୍ୟୁସନ୍)ର ଏକ ନିର୍ଦ୍ଦିଷ୍ଟ ପତ୍ର ସଂଖ୍ୟା, ତାରିଖ ଓ ସ୍ଥାନ ରହିବା ଦରକାର । ଯାହାକି ଅତି ସ୍ୱଷ୍ଟ ଭାବେ ଉପରେ ଲେଖାଯିବା ଦରକାର ।

୩) ଗ୍ରାମ ସଭା ସଂଖ୍ୟା, ଏହି ବୈଠକରେ ଉପସ୍ଥିତ ମହିଳା ସଦସ୍ୟଙ୍କ ସଂଖ୍ୟା ନିଶ୍ଚିତ ଭାବେ ଉଲ୍ଲେଖ ରହିବା ଦରକାର ।

୪ ) ଗ୍ରାମସଭା ବୈଠକ ଓ ସଂଙ୍କଳ୍ପର ବିଷୟ ନିଶ୍ଚିତ ଭାବେ ସ୍ୱଷ୍ଟରୂପେ ଉଲ୍ଲେଖ କରାଯିବା ଦରକାର ।

୫ ) ଗ୍ରାମସଭା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବା ସୁପାରିଶ କରାଯାଇଥିବା ନିଷ୍ପତ୍ତି ଗୁଡିକ ସ୍ୱଷ୍ଟ ଭାବେ ଦର୍ଶାଯିବା ଦରକାର ।

୬) କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯେକୌଣସି ଅଧିକାରୀଙ୍କ ଚାହିଦା ଓ ଜିଜ୍ଞାସା ସ୍ୱଷ୍ଟ ଭାବେ ଉଲ୍ଲେଖ ହେବା ଦରକାର ।

୭) ସମ୍ପୂର୍ଣ୍ଣ ଗ୍ରାମସଭା ସଙ୍କଳ୍ପକୁ ଉପସ୍ଥିତ ଗ୍ରାମସଭା ସଦସ୍ୟ ଓ ଭୋଟ ଦେଇଥିବା ଗ୍ରାମସଭା ସଦ୍ୟଙ୍କ ଆଗରେ ଜୋର ପାଟିରେ ପଢ଼ାଯିବା ଦରକାର ।

୮) ଉପସ୍ଥିତ ଗ୍ରାମସଭା ସଦସ୍ୟଙ୍କ ଦସ୍ତଖତ ଓ ସେମାନଙ୍କର ଆଙ୍ଗୁଠି ଚିହ୍ନ ଘୋଷଣାପତ୍ର ବା ସଙ୍କଳ୍ପପତ୍ରରେ ଲେଖାଥିବା ସେମାନଙ୍କ ନାମ ଆଗରେ ସ୍ପଷ୍ଟ ଭାବେ ରହିବା ଦରକାର ।

୯) ମୁଖପତ୍ର ଓ ସଙ୍କଳ୍ପପତ୍ର, ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ରେଜିଷ୍ଟର୍ଡ ପୋଷ୍ଟରେ ପଠାଯିବା ଦରକାର ଓ ପୋଷ୍ଟାଲ ରସିଦ୍‌କୁ ସୁରକ୍ଷିତ ଭାବେ ଗ୍ରାମସଭା ରେଜିଷ୍ଟରରେ ରଖାଯିବା ଦରକାର । ଯାହାଦ୍ୱାରା ପରବର୍ତ୍ତୀ ସମୟରେ ଏହି ମାମଲାକୁ ଅନୁସରଣ କରିବାରେ ସହାୟକ ହେବ । ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣଙ୍କ ଗାଁରେ ଡାକସେବା ନାହିଁ ତେବେ କୋରିଅର୍ ଦ୍ୱାରା ମୁଖପତ୍ର ଓ ସଙ୍କଳ୍ପପତ୍ରକୁ ପାଖ ଗାଁ / ସହରରୁ ପଠାନ୍ତୁ । ଯେଉଁଠାରେ କି ଡାକସେବା ଆରମ୍ଭ ହୋଇଛି ।

*******

## ବାବଦରେ

# ଲିଗାଲ ରିସୋର୍ସ ସେଣ୍ଟର(ଏଲ୍ଆର୍ସି)

ଏଲ୍ଆର୍ସି ଏକ ଗବେଷଣା କେନ୍ଦ୍ର । ଯେଉଁଠାରେ ଭାରତର ଆଦିବାସୀଙ୍କ ଅଧିକାର ସହ ଜଡିତ ଆଇନଗତ ଜ୍ଞାନ, ଦକ୍ଷତା ଓ ରଣନୀତି ବିକାଶ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିଥାଏ । ଆଇନର ବିଭିନ୍ନ ଆଭ୍ୟନ୍ତରୀଣ ଦିଗକୁ ବିଚାର କରି ଏହା କିପରି କାର୍ଯ୍ୟ କରିବ ସେ ଦିଗରେ ଏଲ୍ଆର୍ସି କାମ କରିଥାଏ । ଏସବୁ ବ୍ୟତୀତ ଏଠାରେ ଆଇନଗତ ଅନୁସନ୍ଧାନ ପାଠ୍ୟକ୍ରମ, କାର୍ଯ୍ୟ ଆଧାରିତ ଆଇନଗତ ଅନୁସନ୍ଧାନ, ମାମଲାଗୁଡିକୁ ସମର୍ଥନ ଦେବା, ଦକ୍ଷତା ବିକାଶ, ଜ୍ଞାନ ବୃଦ୍ଧି, ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତି ଭଳି କାର୍ଯ୍ୟ କରାଯାଇଥାଏ । ଆଇନଗତ ଅଭ୍ୟାସ ଓ ସାମାଜିକ ଆନ୍ଦୋଳନ କ୍ଷେତ୍ରରେ ଏଲ୍ଆର୍ସିର ସ୍ୱତନ୍ତ୍ର ପରିଚୟ ରହିଛି । ଏଲ୍ଆର୍ସି ସାମ୍ବିଧାନିକ ଆଇନ, ଜଙ୍ଗଲ ଜମି ସମ୍ବନ୍ଧୀୟ ଆଇନ, ପରିବେଶ ସମ୍ବନ୍ଧୀୟ ଆଇନ, ଅପରାଧିକ ଆଇନ, ପ୍ରଶାସନିକ ଆଇନ, ମାନବଅଧିକାର ଆଇନ ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରିବା ସହ ଏସବୁରେ ହସ୍ତକ୍ଷେପ ମଧ୍ୟ କରିଥାଏ ।

ଯେତେବେଳେ ପାଠ୍ୟକ୍ରମଗୁଡିକ ଆଇନଜୀବୀ ଓ ସାମାଜିକ କର୍ମୀମାନଙ୍କୁ ତାତ୍ତ୍ୱିକ ପରିକଳ୍ପନା ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିଥାନ୍ତି ସେତେବେଳେ ସେମାନେ ଏହି ତାତ୍ତ୍ୱିକ ଜ୍ଞାନକୁ ରାଜନୀତିକରଣ ଓ ପ୍ରୟୋଗାତ୍ମକ ଢ଼ଙ୍ଗରେ ପରିବେଷଣ କରିବାକୁ ବାଧ୍ୟ କରିଥାନ୍ତି । ଏହାଦ୍ୱାରା ଆଇନ ପ୍ରଣାଳୀରୁ ବଞ୍ଚିତ ସମ୍ପ୍ରଦାୟର ଲୋକ ଓ ପାରମ୍ପରିକ ଧାରାରେ ବନ୍ଧା ଲୋକଙ୍କ ପାଇଁ ଏକ ନିରାପଦ ସ୍ଥାନ ବାଛିବା ଦିଗରେ ଏହା ସହାୟକ ହୋଇଥାଏ । ରାଜନୈତିକ କ୍ଷେତ୍ରରେ ଯେକୌଣସି ବିସ୍ତୃତ ସଂସ୍କାର ଓ ଯେକୌଣସି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ସାମାଜିକ ଆଇନଗତ ସମ୍ପ୍ରଦାୟର ଗୁରୁତ୍ୱ ଥିବା ବେଳେ ଏଲ୍ଆର୍ସିରେ ଏସବୁର ମିଶ୍ରଣ ଦେଖାଦେଇଥାଏ । ୨୦୧୭ ଜୁଲାଇ ମାସରେ ଏଲ୍ଆର୍ସି ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା । ଏଲ୍ଆର୍ସି ଉଭୟ ଆଇନଜୀବୀ, ଏକାଡେମିକ୍ ଓ ସାମାଜିକ କର୍ମୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଆଦିବାସୀ, ଜଙ୍ଗଲଅଧିବାସୀ ଓ ସାଧାରଣବର୍ଗର ଲୋକମାନଙ୍କୁ କିପରି ସାମାଜିକ ନ୍ୟାୟ ପ୍ରଦାନ କରାଯିବ ସେ ଦିଗରେ କାର୍ଯ୍ୟ କରୁଥିବା ଆଇନଜୀବୀ, ଏକାଡେମିକ୍ ଓ ସାମାଜିକ କର୍ମୀମାନଙ୍କୁ ଗୋଟିଏ ଛାତତଳେ ସ୍ଥାନ ଦେବା ଏଲ୍ଆର୍ସିର ମୂଳ ଆଭିମୁଖ୍ୟ ।

ବାସ୍ତବିକ ଓ ବ୍ୟବହାରିକ କାମ ପାଇଁ ଏଲ୍ଆର୍ସି ନୂଆଦିଲ୍ଲୀ ସ୍ଥିତ ସୁପ୍ରିମକୋର୍ଟରେ ଅଭ୍ୟାସ କରୁଥିବା ଆଇନଜୀବୀଙ୍କ ଆଇନ କାର୍ଯ୍ୟାଳୟରେ ରହଛି । ଏହାବାଦ୍ ଏଲ୍ଆର୍ସି ଲୋକଙ୍କ ପାଖରେ ସବୁବେଳେ ରହିଛି । ବିଭିନ୍ନ ରାଜ୍ୟର ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଓଡିଶାର ଭୁବନେଶ୍ୱର, ମଧ୍ୟପ୍ରଦେଶର ଜବଲ୍ପୁର, ବାଙ୍ଗାଲୁରୁ ଓ ପାଟଣାରେ ଅଛି । ଆସନ୍ତା ମାସରେ ଏହା ଆହୁରି ଅଧିକ ସ୍ଥାନକୁ ସମ୍ପ୍ରସାରଣ କରିବାର ଲକ୍ଷ୍ୟ ରଖିଛି ।

## ଏଲ୍‌ଆର୍‌ସି କ'ଣ କରେ ?

### (କ) ଆଇନରେ ଆସୁଥିବା ପରିବର୍ତ୍ତନ ଓ ଉଦାହରଣ ଉପରେ ନଜର ରଖିବା

ଆଦିବାସୀ ଓ ଜଙ୍ଗଲ ଅଧିକାରକୁ ନେଇ ମକର୍ଦ୍ଦମା ଚାଲିଥିବା ବିଭିନ୍ନ ସାମ୍ବିଧାନିକ କୋର୍ଟ ଓ ଟ୍ରିବ୍ୟୁନାଲ୍ ଉପରେ ଏଲ୍‌ଆର୍‌ସି ନଜର ରଖିଥାଏ। ଆବଶ୍ୟକ ସ୍ଥଳେ ବିଭିନ୍ନ ପ୍ରକାର ସୂଚନା ସଂଗ୍ରହ କରିବା ଦିଗରେ ଏହା ସହାୟକ ହୋଇଥାଏ। ବିଶେଷ କରି ସାମାଜିକ ଆନ୍ଦୋଳନର ଗତିବିଧିକୁ ଦେଖିବା, ବିକାଶମୂଳକ କାର୍ଯ୍ୟକୁ ପରଖିବା, ସମୟ ଥାଉଥାଉ ଏ ଦିଗରେ ସଚେତନ ହୋଇ କାର୍ଯ୍ୟ କରିବା ଭଳି ବିଷୟବସ୍ତୁକୁ ଅତି ନିକଟରୁ ଦେଖିବା ସହ ଏହାର ଗତିବିଧି ଉପରେ ନଜର ରଖିବା ପାଇଁ ଏଫ୍‌ଆର୍‌ଏ ଚାରିପାଖରେ ଏକ ନୂତନ ନ୍ୟାୟପାଳିକା ବିକଶିତ ହୋଇଛି।

କେବଳ ସେତିକି ନୁହେଁ, ନ୍ୟାୟିକ ବ୍ୟବସ୍ଥାର ବିକାଶ ଉପରେ ନଜର ରଖିବା, ବିଧାନସଭାରେ ଆସୁଥିବା ବିଭିନ୍ନ ପରିବର୍ତ୍ତିତ ଆଇନ, ବିଭିନ୍ନ ଆଇନଗତ ନିର୍ଦ୍ଦେଶାବଳୀର କାର୍ଯ୍ୟଧାରା ଓ ପ୍ରକ୍ରିୟାଗତ ପରିବର୍ତ୍ତନ ଉପରେ ନଜର ରଖିବା ବି ଏଲ୍‌ଆର୍‌ସିର କାର୍ଯ୍ୟ ଅଟେ।

### (ଖ) ଜିଲ୍ଲା ଓ ଉଚ୍ଚ ନ୍ୟାୟାଳୟର ଓକିଲମାନଙ୍କ ଦକ୍ଷତା ବୃଦ୍ଧି

ଆଇନ ଓ ଅଧିକାର ଉଲ୍ଲଂଘନ ମାମଲାରେ, ଆଇନଜୀବୀ ଓ ତାଲିମପ୍ରାପ୍ତ ସାମାଜିକ କର୍ମୀମାନଙ୍କ ଦକ୍ଷତା ଓ ନେଟୱର୍କ ଗଠନ (ଯୋଗାଯୋଗ ବିସ୍ତାର) କରି ସେମାନଙ୍କୁ ସହାୟତା ପ୍ରଦାନ କରିବା ସହ ଏଫ୍‌ଆରଏ ଅଧୀନରେ ନ୍ୟାୟ ଦେବାକୁ ଏଲ୍‌ଆର୍‌ସି ପ୍ରୟାସ କରେ। ୨୦୦୬ରୁ ଆଜି ମଧ୍ୟରେ ଏଫ୍‌ଆର୍‌ଏ ଅଧୀନରେ ଥିବା ମାମଲାଗୁଡିକ ଦର୍ଶାଏ ଯେ, ଏହି ନିୟମ ଅନୁସାରେ ଅଧିକାରଗୁଡିକ ନିୟମିତ ଭାବେ ଦୃଢ଼ ଓ ସୃଜନାତ୍ମକ ଢ଼ଙ୍ଗରେ ବ୍ୟାଖ୍ୟା କରାଯାଇ ପାରୁଛି। ପ୍ରଶାସନ ଓ ଅର୍ଦ୍ଧ ସ୍ୱୟଂଚାଳିତ ସଂସ୍ଥାଗୁଡିକରେ ଏକ ନୂତନ ରଣନୀତିକୁ ଚଳାଇବା ପାଇଁ ଜିଲ୍ଲାସ୍ତରରେ କାମ କରୁଥିବା ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲ୍ଲାସ୍ତରରେ ଅନେକ ସରକାରୀ ସଂସ୍ଥା କାମ କରୁଥିବା ବେଳେ ଏହି ରଣନୀତିକୁ ପ୍ରଶାସନ ଓ ଅନ୍ୟ ସ୍ୱୟଂଶାସିତ ସଂସ୍ଥାଗୁଡିକରେ ଓକିଲମାନଙ୍କଦ୍ୱାରା ଚଳାଇବାକୁ ଏକ ନୂତନ ସ୍ଥାନ ମିଳିପାରିଥାଏ। ସେହି ସମାନ ସମୟରେ ଭବିଷ୍ୟତର ଆହ୍ୱାନକୁ ଆଖି ଆଗରେ ରଖି କୋର୍ଟ ଓ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ମୁକାବିଲା କରିବା ପାଇଁ ଗଠନମୂଳକ ପଦକ୍ଷେପ ନେବା ସହ ସାମ୍ପ୍ରଦାୟିକ ଅଧିକାରର ଅଗ୍ରଗତି ପାଇଁ ଆଗୁଆ ପ୍ରସ୍ତୁତ ହେବା ଦରକାର। ଏଥିପାଇଁ ଜିଲ୍ଲାସ୍ତରରେ ଆଇନଜୀବୀ ଓ ଆଇନତଃ ତାମିଲପ୍ରାପ୍ତ ସାମାଜିକ କର୍ମୀମାନଙ୍କୁ ତାଲିମ ଓ ତାଲିମ ପାଇଁ ଆବଶ୍ୟକ ଉତ୍ସ ଯୋଗାଇ ଦେବା ଏଲ୍‌ଆର୍‌ସିର ପ୍ରମୁଖ କାର୍ଯ୍ୟ ଅଟେ।

- <u>ତାଲିମ ଉତ୍ସଗୁଡିକ:</u> ଏଲ୍ଆର୍‌ସିର ଆଇନଜୀବୀ ଓ ଗବେଷକମାନେ, ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନମାନଙ୍କ ପାଇଁ ପ୍ରଶିକ୍ଷକ ବା ତାଲିମ ଦାତା ଭାବେ ଯାଇ ପାରନ୍ତି । ଯଦି କୌଣସି ସଙ୍ଗଠନ ବା ସଂସ୍ଥା ( ଯେପରିକି ତୃଣମୂଳ ସ୍ତରରେ କାମ କରୁଥିବା ସଙ୍ଗଠନ, ଆଇନ ବିଶ୍ୱବିଦ୍ୟାଳୟ, ଆଦିବାସୀ ଗବେଷଣା ପ୍ରତିଷ୍ଠାନ, ରାଜ୍ୟର ବିଭିନ୍ନ ଅନୁଷ୍ଠାନ)ମାନେ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସହାୟତା ଆବଶ୍ୟକ କରନ୍ତି ତେବେ ଏଲ୍ଆର୍‌ସିର ଗବେଷକମାନେ ସଂପୃକ୍ତ ସଂସ୍ଥାକୁ ପ୍ରଶିକ୍ଷକ ଭାବେ ଯାଇଥାନ୍ତି ।

- <u>ପାଠ୍ୟକ୍ରମ ବିକାଶ:</u> ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କ ଅଧିକାର ପାଇଁ ବିଶ୍ୱବିଦ୍ୟାଳୟ, ଆଇନ କଲେଜ ଓ ନ୍ୟାୟିକ ତାଲିମ ପ୍ରତିଷ୍ଠାନଗୁଡିକୁ ବୈଷୟିକ ସହାୟତା ପ୍ରଦାନ କରିବା ଏଲ୍ଆର୍‌ସିର ଏକ ଦୀର୍ଘମିଆଦି ଲକ୍ଷ୍ୟ । ଏହି ଉଦ୍ଦେଶ୍ୟରେ ଏଲ୍ଆର୍‌ସି ବିଭିନ୍ନ ଆଇନ ପାଠ୍ୟକ୍ରମ ଯେପରିକି ସାମ୍ବିଧାନିକ ଆଇନ, ସମ୍ପତ୍ତିଗତ ଆଇନ, ନାଗରିକ ଆଇନ, ଅପରାଧିକ ଆଇନ, ଅନ୍ତର୍ଜାତୀୟ ଆଇନ ଓ ନିର୍ଯାତନା ଆଇନ ଭଳି ବିଷୟରେ ସହଯୋଗ କରେ । ଏହି ସମସ୍ତ ପାଠ୍ୟକ୍ରମ ମଡ୍ୟୁଲ୍‌ଗୁଡିକ ସାଧାରଣରେ ବେଶ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିଛି ।

## (ଗ) ଗବେଷଣା, ତଥ୍ୟ ଓ ବିକାଶର ବିଶ୍ଲେଷଣ:

ପାଠ୍ୟପୁସ୍ତକ ଭିତ୍ତିକ ଓ ତାତ୍ତ୍ୱିକ ପ୍ରୟାସ ଦିଗରେ କରାଯାଉଥିବା ଗବେଷଣା, ବିଶ୍ଲେଷଣ ଓ ସମର୍ଥନ କାର୍ଯ୍ୟରେ ଏଲ୍ଆର୍‌ସି ନିୟୋଜିତ ହୋଇଥାଏ । ଏସବୁ ପ୍ରବନ୍ଧ, ବହି, ଅଧ୍ୟାୟ, ଆଇନଗତ ସଂକ୍ଷିପ୍ତ ବିବରଣୀ ଓ ଆଇସି ପ୍ରକାଶନୀ ମାଧ୍ୟମରେ କରାଯାଇଥାଏ । ଏହି ନିର୍ଦ୍ଦିଷ୍ଟ ସାହିତ୍ୟ ବିଭିନ୍ନ ବିଷୟରେ ଉପଲବ୍ଧ । ବିଭିନ୍ନ ବର୍ଗର ପାଠକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏଲ୍ଆର୍‌ସିର କାର୍ଯ୍ୟଧାରାକୁ ଏହା ବିଭିନ୍ନ ବିଷୟରେ ଉପଲବ୍ଧ କରାଇ ପାରିଛି ।

## (ଘ) ଓକିଲାତି, ଆଇନଗତ ସଂସ୍କାର, ମକଦ୍ଦମା ଓ ଆଇନଗତ ହସ୍ତକ୍ଷେପ

ବିଭିନ୍ନ ତୃଣମୂଳସ୍ତରର ସଙ୍ଗଠନ, ଜିଲ୍ଲାସ୍ତରୀୟ ଆଇନଜୀବୀ, ସାମାଜିକ କର୍ମୀ ଓ ଅନ୍ୟାନ୍ୟ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଏଲ୍ଆର୍‌ସି ଆଇନଗତ ପରାମର୍ଶ ପ୍ରଦାନ କରିବା ସହ ଆଇନଗତି ରଣନୀତିକୁ କାର୍ଯ୍ୟକାରୀ କରିବା ଓ ବିଭିନ୍ନ ଅନୁସନ୍ଧାନ ମୂଳକ କାର୍ଯ୍ୟରେ ସାହାଯ୍ୟ ପ୍ରଦାନ କରିଥାଏ । ଉଭୟ ସଂକ୍ଷିପ୍ତ ଓ ଦୀର୍ଘମିଆଦି କୋର୍ଟ ରେକର୍ଡ ପ୍ରସ୍ତୁତି କରିବାରେ ଏଲ୍ଆର୍‌ସି ସହାୟତା ପ୍ରଦାନ କରିଥାଏ ।

ଯେହେତୁ ଏଲ୍ଆର୍‌ସି ଉଭୟ ଆଇନଜୀବୀ ଓ ଅଣ ଆଇନଜୀବୀଙ୍କୁ ନେଇ ଗଠିତ ତେଣୁ ଦିଆଯାଉଥିବା ପରାମର୍ଶ ଯଥାର୍ଥ ଆଇନଗତ ନୀତି ଉପରେ ଆଧାରିତ । ଯାହାକି ବାସ୍ତବଧର୍ମୀ ଓ ଏଥିରେ ସବିଶେଷ ବିଷୟକୁ ଧ୍ୟାନରେ ରଖି ତିଆରି କରାଯାଇଥାଏ । ଯେତେବେଳେ ଏହା ବନୀକରଣ ଅଧୀନିୟମର କ୍ଷତିପୂରଣ ଓ ପ୍ରସ୍ତାବିତ ନିୟମ, ଡ୍ରାଫ୍ଟ ଜଙ୍ଗଲ ନୀତି ୨୦୧୮, ଜମି ବ୍ୟାଙ୍କ ସୃଷ୍ଟି, ୨୦୧୩ ଏଲ୍ଏଆର୍‌ଆର୍ ନିୟମ ସମ୍ବନ୍ଧିତ ସ୍ଥାୟୀ ଓକିଲାତି ପାଇଁ ଉଦ୍ଦିଷ୍ଟ ହୁଏ, ସେତେବେଳେ ଏଲ୍ଆର୍‌ସି ଏହି କାର୍ଯ୍ୟରେ ଜଡିତ ସାମାଜିକ କର୍ମକର୍ତ୍ତା ମାନଙ୍କୁ ପ୍ରସଙ୍ଗ ସମ୍ବନ୍ଧିତ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିବାରେ ସାହାଯ୍ୟ କରେ ।

## ଏଲ୍‌ଆର୍‌ସି କୁଆଡେ ଯାଉଛି ?

ଆସନ୍ତା କିଛି ମାସ ଭିତରେ ଏଲ୍‌ଆର୍‌ସି ଏକ ପରାମର୍ଶଦାତା ସଂସ୍ଥା ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା କରିଛି। ଯାହାକି ଆଇନ ପ୍ରକ୍ରିୟାକୁ ଗତିଶୀଳ ଓ ବିକାଶ ଦିଗରେ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିବ। ଏହି ପ୍ରକାର ବିବରଣୀ ଆଇନଗତ ହସ୍ତକ୍ଷେପରୁ ଏଲ୍‌ଆର୍‌ସିକୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

# ଯୋଗାଯୋଗର ଠିକଣା


### ଦିଲ୍ଲୀ

ସୋମନା ଖାନ୍ନା : (+୯୧-୧୧-୪୦୫୨୭୧୭୫; +୯୧-୯୮୭୩୬୬୫୨୮୮ )
ଇ-ମେଲ୍:lrc.alterlaw@gmail.com /
legalresourcecentre@protonmail.com
ରାଧିକା ଛିତ୍‌କାରା : (+୯୧-୯୮୭୩୩୧୦୬୩୦ )
ଇ-ମେଲ୍: rchitkara@llm17.law.harvard.edu
ପୂଜା : (+୯୧-୬୨୦୨୧୫୭୨୯୯)
ଇ-ମେଲ: pjpj2606@gmail.com
ଖୁସ୍‌ବୁ ପରେଖ୍ : (+୯୧-୭୯୭୬୮୪୮୦୧୯)
ଇ-ମେଲ୍: khusbooprk@gmail.com

### ଭୁବନେଶ୍ୱର

ତୁଷାର ଦାଶ : (+୯୧-୭୦୦୮୫୦୭୭୭୯)
ଇ-ମେଲ: tushardash01@gmail.com
ସଂଘମିତ୍ର ଦୁବେ: (+୯୧-୮୭୬୩୩୮୨୪୫୨)
ଇ-ମେଲ୍: sanghamitradubeyikk@gmail.com

### ଜବଲ୍‌ପୁର

ରାହୁଲ୍ ଶ୍ରୀବାସ୍ତବ (+୯୧-୮୪୩୫୪୫୨୭୬୮)
ଇ-ମେଲ୍: rahul.samvad26@gmail.com
ରାଘବେନ୍ଦ୍ର କୁମାର (+୯୧-୯୪୨୫୩୦୧୭୪୪)
ଇ-ମେଲ୍: advocateraghvendra@yahoo.com

### ବେଙ୍ଗାଲୁରୁ

ଆସ୍ଥା ସକ୍ସେନା ( +୯୧-୯୫୦୨୩୨୧୨୫୮)
ଇ-ମେଲ୍: saxenaastha@gmail.com

## ବାବଦରେ

# ବସୁନ୍ଧରା

ବସୁନ୍ଧରା ଏକ ଗବେଷଣା ଧର୍ମୀ ଓ ପଲିସି ଆଡଭୋକେସୀ ଅର୍ଥାତ ନୀତି ଆଡଭୋକେସି ଅନୁଷ୍ଠାନ। ଯିଏକି ପ୍ରାକୃତିକ ସଂସାଧନଗୁଡିକର ସଂରକ୍ଷଣ ଓ ସ୍ଥାୟୀ ଜୀବନ ଜୀବିକା ନିର୍ଦ୍ଧାରଣ ପାଇଁ କାମ କରିଥାଏ। ୧୯୯୨ ମସିହାରେ ସୋସାଇଟି ରେଜିଷ୍ଟ୍ରସନ୍ ଅଧିନିୟମ ୧୯୮୦, ଅଧୀନରେ ରେଜିଷ୍ଟ୍ରସନ୍ କରାଯାଇ ବସୁନ୍ଧରା ପ୍ରତିଷ୍ଠା ହୋଇଥିଲା। ଆରମ୍ଭରୁ ବସୁନ୍ଧରା ନିଜେ ତିଆରି ହୋଇଥିବା ଗୋଷ୍ଠୀ ଜଙ୍ଗଲ ଦଳଙ୍କୁ ସମର୍ଥନ କରିବା ସହ ଏମାନଙ୍କୁ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲା। ଏହାଛଡା ରାଜ୍ୟର ଗୋଷ୍ଠୀ ଜଙ୍ଗଲଗୁଡିକୁ ପରିଚାଳନା କରିବା, ଏଗୁଡିକର ସଂରକ୍ଷଣ କରିବା ଦିଗରେ ବସୁନ୍ଧରା ଆରମ୍ଭରୁ କାର୍ଯ୍ୟ କରି ଆସୁଛି। ଗ୍ରାମାଞ୍ଚଳ ଲୋକମାନଙ୍କ ଜୀବିକା ନିର୍ବାହରେ ଜଙ୍ଗଲଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଗରେ ସର୍ବସାଧାରଣଙ୍କୁ ସଚେତନ କରିବା ପାଇଁ ବସୁନ୍ଧରା ନିରନ୍ତର ପ୍ରୟାସ ଜାରି ରଖିଛି। ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କ ତଥା ବିଶେଷ କରି ମହିଳମାନଙ୍କ ଜୀବନ ଜୀବିକାକୁ ସରକାରୀ ନୀତିରେ ସୁନିଶ୍ଚିତ କରିବା, ସେମାନେ କିପରି ଅର୍ଥନୈତିକ ଭାବେ ଓ ରାଜନୈତିକ ଭାବେ ସଚେତନ ହେବା ସହ ନିଜ ଜୀବନ ଜୀବିକା ଉପରେ ନିୟନ୍ତ୍ରଣ ରଖି ପାରିବେ ସେ ଦିଗରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ଧ୍ୟାନ ଦେବା ବସୁନ୍ଧରାର ମୁଖ୍ୟ କାର୍ଯ୍ୟ ଅଟେ।

ବର୍ଷ ବର୍ଷ ଧରି ଜଙ୍ଗଲ ସମ୍ପ୍ରଦାୟ ସହିତ କାମ କରିବା, ବିଶେଷ କରି ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଅନ୍ୟ ସମ୍ପ୍ରଦାୟ ବ୍ୟକ୍ତି ବିଶେଷଙ୍କ ଅଧିକାର ଉପରେ ଅଧିକ ଧ୍ୟାନ ଦେବା ଭଳି ବିଷୟରେ ବସୁନ୍ଧରା ନିଜକୁ ସମ୍ପ୍ରସାରିତ କରିଛି। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କ ଅଧୀନିୟମ ୨୦୦୬(ଜଙ୍ଗଲ ଅଧିକାର ସ୍ୱିକୃତି ଅଧୀନିୟମ) କିମ୍ବା ଏଫ୍ଆର୍ଏ ଅନୁଯାୟୀ ଏସବୁ ଧାର୍ଯ୍ୟ କରାଯାଇଛି। ଏହାବାଦ୍ ବସୁନ୍ଧରା ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା, ପରିବେଶକୁ ଅନୁକୂଳ କରିବା, ଗୋଷ୍ଠୀ ଜଙ୍ଗଲ ସଂରକ୍ଷଣ ଭଳି ପଦକ୍ଷେପଗୁଡିକ ଉପରେ ମଧ୍ୟ ଅଧିକ ଧ୍ୟାନ ଦେଇଥାଏ।

## ବସୁନ୍ଧରା କ'ଣ କରେ ?

**ଲକ୍ଷ୍ୟ:**

ଗ୍ରାମୀଣ ଗରିବମାନଙ୍କୁ ସଶକ୍ତ କରିବା ସହ ସାମାଜିକ ନ୍ୟାୟ ଓ ସମାନତା ଦିଗରେ ସେମାନଙ୍କ ସ୍ଥାୟୀ ବିକାଶ କିପରି କରାଯାଇ ପାରିବ ତାହାହିଁ ବସୁନ୍ଧରାର ମୂଳ ଆଭିମୁଖ୍ୟ।

### ମୂଳ ଆଭିମୁଖ୍ୟ

- ସଂରକ୍ଷଣ
- ସ୍ଥାୟିତ୍ୱ
- ପ୍ରାକୃତିକ ସମ୍ବଳଗୁଡିକର ବିମୁଦ୍ରିକରଣ।
- ସାମାଜିକ ନ୍ୟାୟ ଓ ସମାନତା।
- ଗରିବ ଲୋକଙ୍କ ସ୍ୱର।
- ଦଳିତ ଗୋଷ୍ଠୀଙ୍କର ରାଜନୈତିକ ଯୋଗଦାନ।
- ଆମର ସମସ୍ତ କାମରେ ମହିଳାଙ୍କୁ ଅଧିକାର।

## ଭୂମିକା:


ଗୋଷ୍ଠୀ ଭିତ୍ତିକ ପ୍ରାକୃତିକ ସମ୍ପଦର ବିକାଶ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରିବା ଦିଗରେ ଏକ ଅନୁକ୍ରମଣିକା ବା ସାହାୟିକା ଭାବେ ଆମେ ଆମର ଭୂମିକାକୁ ଦେଖିଥାଉ । ଏହାଛଡା ସାମାଜିକ ନ୍ୟାୟ ଓ ପ୍ରାକୃତିକ ସମ୍ପଦର ବିକାଶ ଦିଗରେ ସ୍ଥାୟୀ ଓ ବିମୁଦ୍ରିକରଣ ପରିବର୍ତ୍ତନ ପାଇଁ ସ୍ଥାନୀୟ ଲୋକଙ୍କ ଦକ୍ଷତା ବିକାଶ ଦିଗରେ ଆମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ବସୁନ୍ଧରା କୁଆଡେ ଯାଉଛି ?

ନ୍ୟାୟପୂର୍ଣ୍ଣ ଗଣତାନ୍ତ୍ରିକ ସମାଜ ଦେଖିବାକୁ ଚାହୁଁଥିବା ଲୋକଙ୍କ ଦକ୍ଷତାର ବିକାଶ କରିବା ସହ ଯୋଗାଯୋଗ, ପରସ୍ପରଠାରୁ ଶିକ୍ଷା ଗ୍ରହଣ ଓ ଦୃଢ଼ ମତାମତ ତିଆରି କରିବା ଦିଗରେ ବସୁନ୍ଧରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବିଭିନ୍ନ ବର୍ଗର ଲୋକଙ୍କ ସହ ବିଭିନ୍ନ କ୍ଷେତ୍ରରେ ଓ ବିଭିନ୍ନ ପ୍ରକାର ଢ଼ଙ୍ଗରେ ସହଯୋଗୀ ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଏହା ହସ୍ତକ୍ଷେପ କରିଥାଏ । ଜଣେ ପ୍ରଭାବଶାଳୀ ଅଭ୍ୟାସକାରୀ ଭାବେ ବସୁନ୍ଧରା ନିଜର ଶିକ୍ଷାକୁ ପ୍ରତ୍ୟକ୍ଷ ଭାବେ ସାମାଜିକ ପ୍ରକ୍ରିୟାରେ ବ୍ୟବହାର କରିଥାଏ । ଏହାଛଡା ଶିକ୍ଷଣ, ପ୍ରତିଫଳନ ଓ ସମାଲୋଚନା ଦିଗରେ ଆମେ ଏକ ବଡ ଭୂମିକା ନିଭାଇ ଥାଉ ।


## ବସୁନ୍ଧରା

ପ୍ଲଟ୍ ନମ୍ବର. ୧୭୩୧/ସି, ଦାସ ମହାପାତ୍ର କମ୍ପ୍ଲକ୍ସ
ପୋଷ୍ଟ- କିଟ୍ କ୍ୟାମ୍ପସ୍
ଭୁବନେଶ୍ୱର: ୭୫୧୦୨୪
ଓଡିଶା
E mail: vasundharanr@vasundharaorissa.org
website: www.vasundharaorissa.org / www.fra.org.in



**Legal Resource Centre**
Delhi

**Vasundhara**
Odisha